

ପାପକୁ ସ୍ୱୀକାର କରିବା ମାତ୍ରେ ହିଁ ଲୋକ ମୁକ୍ତି ପଥରେ ଚାଲିବା ପାଇଁ ବଳ ପାଇଥାଏ।

-ମାର୍ଟିନ୍ ଲୁଥର



■ ଖାରବେଳଙ୍କୁ ଆକ୍ରମଣ ଘଟଣା

# ଆଜି କାଶୀପୁର ଯିବ କ୍ରାଇମ୍ବ୍ରାଞ୍ଚ ଟିମ୍

- କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ନିନ୍ଦା
- ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ହେବ: ଡିଜିପି
- ଅଭିଯୁକ୍ତଙ୍କୁ ୭ ଦିନ ରିମାଣ୍ଡରେ ନେବ ପୋଲିସ

ଭୁବନେଶ୍ୱର(ବ୍ୟୁରୋ)/ ରାୟଗଡା ଅଫିସ୍, ୨୫।୧୧

ଉତ୍କଳ ଭାରତ ସଭାପତି ଖାରବେଳ ସ୍ୱାଇଁ ଶନିବାର ରାୟଗଡା ଜିଲା କାଶୀପୁରରେ ପଥପ୍ରାନ୍ତ ପ୍ରଚାର କରୁଥିବାବେଳେ କେତେଜଣ ଯୁବକ ତାଙ୍କୁ ମାଡ ମାରିବା ସହ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଥିଲେ। ଏନେଇ ଖାରବେଳ ନିଜ ସମର୍ଥକଙ୍କ ସହ ରବିବାର ସକାଳେ ରାୟଗଡା ଯାଇ ଏସ୍‌ପିଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଏହି ଘଟଣାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶ କ୍ରମେ କ୍ରାଇମ୍ବ୍ରାଞ୍ଚ ତଦନ୍ତ କରୁଛି। ଏଥିପାଇଁ ଜଣେ ଇନ୍ସପେକ୍ଟର ର୍‍ୟାଙ୍କର ଅଧିକାରୀଙ୍କ ନେତୃତ୍ୱରେ ଏକ ୪ଜଣିଆ ଟିମ୍ ସୋମବାର ରାୟଗଡ଼ା ଜିଲାର କାଶୀପୁର ଯିବେ। ଏହି ଘଟଣାରେ ଏକ ମାମଲା(୨୬/୧୮) ରୁଜୁ ହୋଇଛି। ଏଥିରେ ଯେଉଁମାନଙ୍କ ସମ୍ପୃକ୍ତି ଥିବା ନେଇ ତଦନ୍ତରୁ ଜଣାପଡ଼ିବ ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କ୍ରାଇମ୍ବ୍ରାଞ୍ଚ ଏଡିଜି ସନ୍ତୋଷ ଉପାଧ୍ୟାୟ କହିଛନ୍ତି।

ଖାରବେଳଙ୍କୁ ଆକ୍ରମଣ ଘଟଣାକୁ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଦୃଢ଼ ନିନ୍ଦା କରିଛନ୍ତି। ସାମାଜିକ ଗଣମାଧ୍ୟମ ଜରିଆରେ ଧର୍ମେନ୍ଦ୍ର ଏକ ଭିଡିଓ ଜାରିକରି ଏହି ପ୍ରସଙ୍ଗରେ ଶାସକ ଦଳକୁ ଟାର୍ଗେଟ କରି କହିଛନ୍ତି ଯେ, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଉପରକୁ ସହନଶୀଳ, ହେଲେ ତାଙ୍କ ସହ ଅସହମତି ରଖୁଥିବା ଓ ସମାଲୋଚନା କରୁଥିବା ବ୍ୟକ୍ତିବିଶେଷଙ୍କୁ ଅପମାନିତ କରିବାରେ ସେ ଆନନ୍ଦ ପାଆନ୍ତି। ଖାରବେଳ ଓ ଅନ୍ୟ ବିରୋଧୀ ନେତାଙ୍କର ମୁଖ୍ୟମନ୍ତ୍ରୀଙ୍କୁ ସମାଲୋଚନା କରିବାର ଅଧିକାର ଅଛି। ମୁଖ୍ୟମନ୍ତ୍ରୀଙ୍କର ମଧ୍ୟ ସମସ୍ତଙ୍କୁ ସମାଲୋଚନା କରିବାର ଅଧିକାର ଅଛି। ମାତ୍ର ଓଡ଼ିଶାର ଟିକସଦାତାମାନଙ୍କ ଅର୍ଥରେ ଗଢ଼ା ହୋଇଥିବା ବିଜୁ ଯୁବ ବାହିନୀକୁ ବ୍ୟବହାର କରି ଆକ୍ରମଣ କରିବା ନିନ୍ଦନୀୟ। କ୍ଷମତା ଚାଲିଯିବା ଡରରେ ବିଜୁ ଯୁବ ବାହିନୀକୁ ଗୁଣ୍ଡା ଭାବେ ସରକାର ବ୍ୟବହାର କରୁଛନ୍ତି ବୋଲି ଧର୍ମେନ୍ଦ୍ର କହିଛନ୍ତି।

ବିଜେଡି ପକ୍ଷରୁ ମଧ୍ୟ ଆକ୍ରମଣ ଘଟଣାକୁ ତୀବ୍ର ନିନ୍ଦା କରାଯିବା ସହ ଏଥିରେ ଦଳର କୌଣସି ସମ୍ପୃକ୍ତି ନ ଥିବା କୁହାଯାଇଛି। ଆକ୍ରମଣକାରୀ ସୁମନ୍ତ ବିଜେଡିର ବୋଲି ଯେଉଁ ଅପପ୍ରଚାର କରାଯାଉଛି ତାହା ନିନ୍ଦନୀୟ ବୋଲି ରାଜ୍ୟ ଅନୁସୂଚିତ ଜାତି ଓ ଜନଜାତି କଲ୍ୟାଣମନ୍ତ୍ରୀ ରମେଶ ଚନ୍ଦ୍ର ମାଝି, ବିଧାୟକ ତଥା ରାୟଗଡା ଜିଲା ବିଜେଡି ପର୍ଯ୍ୟବେକ୍ଷକ ସଞ୍ଜୟ କୁମାର ଦାସବର୍ମା ଏବଂ ରାଜ୍ୟ ସଭା ସଦସ୍ୟ ଏନ୍.ଭାସ୍କର ରାଓ କହିଛନ୍ତି।

ପୋଲିସ ଡିଜି ଡା. ରାଜେନ୍ଦ୍ର ପ୍ରସାଦ ଶର୍ମା କହିଛନ୍ତି, ଘଟଣାକୁ ଗୁରୁତ୍ୱର ସହ ନିଆଯାଇଛି। ଜଣେ ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିବା ବେଳେ ଅନ୍ୟ ଅଭିଯୁକ୍ତମାନେ ଫେରାର ଅଛନ୍ତି। ସେମାନଙ୍କୁ ଛଡ଼ାଯିବ ନାହିଁ।

ଅପରପକ୍ଷରେ ଗିରଫ ଅଭିଯୁକ୍ତ ସୁମନ୍ତ ନାୟକଙ୍କୁ ରବିବାର କୋର୍ଟ ଚାଲାଣ କରାଯାଇଛି। ଏହି ଘଟଣାରେ କୌଣସି ରାଜନୈତିକ ଦଳର ସମ୍ପୃକ୍ତି ଅଛି ନା ନାହିଁ ତାହା ଜାଣିବା ନିମନ୍ତେ ସୁମନ୍ତଙ୍କୁ ୭ ଦିନ ରିମାଣ୍ଡରେ ଅଣାଯିବ। ଏଥିସହ ବିଶୃଙ୍ଖଳା ଭିଆଇଥିବା ଅନ୍ୟ ୩ ଜଣଙ୍କୁ ପୋଲିସ ଖୋଜୁଛି ବୋଲି ରାୟଗଡ଼ା ଏସ୍‌ପି ରାହୁଲ ପିଆର୍ କହିଛନ୍ତି।

■ ମାଜିଷ୍ଟ୍ରେଟଙ୍କ ଘରୁ ଅଭିଯୁକ୍ତ ଚମ୍ପଟ ମାରିବା ଘଟଣା

# ୨ କନଷ୍ଟେବଲ ନିଲମ୍ବିତ

ଭୁବନେଶ୍ୱର, ୨୫।୧୧(ବ୍ୟୁରୋ)

କ୍ୟାପିଟାଲ ଥାନା ଅନ୍ତର୍ଗତ ୟୁନିଟ୍-୨ସ୍ଥିତ ମାଜିଷ୍ଟ୍ରେଟଙ୍କ ଘରେ ହାଜର କରିବା ପାଇଁ ଦୁଇ ଅଭିଯୁକ୍ତଙ୍କୁ ରେଲୱେ ପୋଲିସ ନେଇଥିବାବେଳେ ଜଣେ ଅଭିଯୁକ୍ତ ଚମ୍ପଟ ମାରିଥିଲେ। ଏହି ଘଟଣାରେ କର୍ତ୍ତବ୍ୟରେ ଅବହେଳା କରିଥିବା ୨ କନଷ୍ଟେବଲଙ୍କୁ ନିଲମ୍ବନ କରାଯାଇଛି। ସେମାନେ ହେଲେ ଉପେନ୍ଦ୍ର ନାଥ ବେହେରା ଓ ଦିଜବର ସେଠୀ। ସୂଚନାଯୋଗ୍ୟ, ଗତ ୧୮ ତାରିଖରେ ରେଲୱେ ପୋଲିସ ୨ ଟ୍ରେନ ଲୁଟେରାଙ୍କୁ ଗିରଫ କରିଥିଲା। ରବିବାର ଥିବାରୁ ଅଭିଯୁକ୍ତଦ୍ୱୟଙ୍କୁ ରେଲୱେ ପୋଲିସ ମାଜିଷ୍ଟ୍ରେଟଙ୍କ ଘରେ ହାଜର କରିଥିଲା। ଏହି ସମୟରେ ଜଣେ ଲୁଟେରା ସେଠାରୁ ଖସି ପଳାଇଥିଲେ। ଘଟଣାର ତଦନ୍ତ କରିବା ପାଇଁ ରେଲୱେ ଏଡିଜି ପ୍ରଣବିନ୍ଦୁ ଆଚାର୍ଯ୍ୟ କଟକ ରେଲୱେ ଏସ୍‌ପିଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏସ୍‌ପି ଘଟଣାର ତଦନ୍ତ କରିବା ପରେ ଦୁଇ କନଷ୍ଟେବଲଙ୍କ ଦାୟିତ୍ୱହୀନତାରୁ ଏପରି ଘଟିଥିବା ଜଣାପଡିଥିଲା। ଏନେଇ ଏସ୍‌ପି ରେଲୱେ ଏଡିଜିଙ୍କୁ ରିପୋର୍ଟ ଦେବା ପରେ ୨ କନଷ୍ଟେବଲଙ୍କୁ ନିଲମ୍ବନ କରାଯାଇଛି।

# ବ୍ରହ୍ମଗିରିରେ ଜାପାନିଜ୍ ଏନ୍‌ସେଫାଲାଇଟିସ୍ ରୋଗୀ ଚିହ୍ନଟ

ବ୍ରହ୍ମଗିରି, ୨୫।୧୧(ଡି.ଏନ୍.ଏ.)

ବ୍ରହ୍ମଗିରି ବ୍ଲକ ଅନ୍ତର୍ଗତ ଗଡଡିଆଘାଇ ଗ୍ରାମର ରୀନା ପ୍ରଧାନ ଜାପାନିଜ୍ ଏନ୍‌ସେଫାଲାଇଟିସ୍ ରୋଗରେ ଆକ୍ରାନ୍ତ ହୋଇଥିବା ଜଣାପଡ଼ିଛି। ସେ ଗତ କିଛି ଦିନ ହେବ ବାପଘର ରହୁଥିବାବେଳେ ପ୍ରାୟ ଦେଢ଼ ମାସ ହେବ ଜ୍ୱରରେ ଆକ୍ରାନ୍ତ ଥିଲେ। ତାଙ୍କୁ ପରିବାର ଲୋକେ ପ୍ରଥମେ ସ୍ଥାନୀୟ ରେବଣାନୂଆଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର, ପରେ ପୁରୀ ସଦର ଡାକ୍ତରଖାନା ଓ ଅବସ୍ଥା ଗୁରୁତର ହେବାରୁ କଟକ ବଡ଼ ଡାକ୍ତରଖାନାକୁ ନେଇଥିଲେ। ସେଠାରେ ଅବସ୍ଥା ସଙ୍କଟାପନ୍ନ ହେବାରୁ ପ୍ରାୟ ୧୩ଦିନ ହେବ ଭୁବନେଶ୍ୱରର ଏକ ଘରୋଇ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ତାଙ୍କ ରକ୍ତ ନମୁନା ସଂଗ୍ରହ କରାଯାଇ ଭୁବନେଶ୍ୱରସ୍ଥିତ ରିଜିଓନାଲ ମେଡିକାଲ ରିସର୍ଚ୍ଚ ସେଣ୍ଟରକୁ ପଠାଯାଇଥିଲା। ପରୀକ୍ଷା ପରେ ତାଙ୍କୁ ଜାପାନିଜ୍ ଏନ୍‌ସେଫାଲାଇଟିସ୍ ରୋଗ ହୋଇଥିବା ଜଣାପଡ଼ିଥିଲା। ଏ ନେଇ ବ୍ରହ୍ମଗିରି ରେବଣାନୂଆଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ନିକଟରେ କୌଣସି ଖବର ନାହିଁ। ସୂଚନା ଥାଉକି, ୨୦୧୬ ଅକ୍ଟୋବରରେ ବ୍ରହ୍ମଗିରି ବେଙ୍ଗମା ଗ୍ରାମର କିରଣ ବାରିକ ନାମକ ଜଣେ ବାଳକଙ୍କ ମୃତ୍ୟୁ ହୋଇଥିଲା। ତାଙ୍କୁ ଜାପାନିଜ୍ ଏନ୍‌ସେଫାଲାଇଟସ ଜଣାପଡିଥିଲା। ପରେ ଆଉ ୪ଜଣ ଆକ୍ରାନ୍ତ ହୋଇଥିଲେ।

# ଶ୍ରୀମନ୍ଦିର ପରିଚାଳନା କମିଟି ବୈଠକ ଆଜି

ପୁରୀ ଅଫିସ,୨୫।୧୧

ଶ୍ରୀମନ୍ଦିର ପରିଚାଳନା କମିଟି ବୈଠକ ସୋମବାର ଅନୁଷ୍ଠିତ ହେବ। ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟ ସଭାଗୃହରେ ପୂର୍ବାହ୍ନ ୧୧ଟାରେ ଅନୁଷ୍ଠିତ ହେବାକୁ ଥିବା ଏହି ବୈଠକରେ ୮ଟି ଗୁରୁତ୍ୱପୂର୍ଣ୍ଣ ବିଷୟରେ ଆଲୋଚନା କରାଯିବ। ଏଥିରେ ପୂର୍ବ ବୈଠକ ବିବରଣୀର ଦୃଢ଼ୀକରଣ, ସେପ୍ଟେମ୍ବର ୨୭ ପରିଚାଳନା କମିଟି ବୈଠକ ବିବରଣୀର ଅନୁପାଳନ, କାର୍ତ୍ତିକ ମାସ ନୀତି ସମୀକ୍ଷା ଓ ହବିଷିଆଳିଙ୍କୁ ଅବଢା ବଣ୍ଟନ, ଅକ୍ଟୋବର ୩ ହିଂସାକାଣ୍ଡ ଓ ତତ୍‌ଜନିତ କ୍ଷୟକ୍ଷତିର ଆକଳନ ତଥା ପୁନଃ ନିର୍ମାଣ, ଉଚ୍ଚତମ ନ୍ୟାୟାଳୟଙ୍କ ଆଦେଶ, ସୁପ୍ରିମ୍‌କୋର୍ଟରେ ଦାଖଲ ହୋଇଥିବା ଅନ୍ୟ ମାମଲା, ଶ୍ରୀଜଗନ୍ନାଥଙ୍କ ଜମି ବିକ୍ରି ସଂକ୍ରାନ୍ତରେ ଗୃହୀତ ପଦକ୍ଷେପ, ସଂସ୍ଥା ସବ୍ କମିଟି ସମ୍ପର୍କରେ ଆଲୋଚନା କରାଯିବ। ଏଥିସହିତ ସଭାପତିଙ୍କ ଅନୁମୋଦନକ୍ରମେ ଅନ୍ୟାନ୍ୟ ପ୍ରସଙ୍ଗ ଉପରେ ମଧ୍ୟ ଆଲୋଚନା ହୋଇପାରେ।




ସାସ୍ୱତୀ ସାମାଜିକ ସାଂସ୍କୃତିକ କେନ୍ଦ୍ର ପକ୍ଷରୁ ରବିବାର ଭୁବନେଶ୍ୱର ସୂଚନା ଭବନଠାରେ ସଙ୍ଗୀତ କାର୍ଯ୍ୟକ୍ରମ 'ସମର୍ପଣ'ରେ ଦୁଇ କଣ୍ଠଶିଳ୍ପୀ ସଙ୍ଗୀତ ପରିବେଷଣ କରୁଛନ୍ତି।

# ୨ଚୋରା ବନ୍ଧୁକ ବ୍ୟବସାୟୀ ଗିରଫ: ମାଉଜର, ଗୁଳି ଜବତ

କଟକରୋଡ,୨୫।୧୧(ଡି.ଏନ୍.ଏ.)

ଲକ୍ଷ୍ମୀସାଗର ଥାନା ଅଧୀନ ବୁଦ୍ଧନଗରରେ ରବିବାର କମିଶନରେଟ ପୋଲିସର ସ୍ପେଶାଲ ସ୍କ୍ୱାଡ ଓ ପୋଲିସ ଚଢ଼ାଉ କରି ୨ଜଣ ବନ୍ଧୁକ ବ୍ୟବସାୟୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ବିହାରର ବୈଶାଳି ଜିଲା ହାଜିପୁର ଅଞ୍ଚଳର ସୁଜିତ କୁମାର ଦାସ ଓ ଖୋର୍ଦ୍ଧା ସାମନ୍ତରାପୁର ମଙ୍ଗଳାସାହିର



ଜବତ ବନ୍ଧୁକ, ଗୁଳି ଓ ଗିରଫ ୨ ଅଭିଯୁକ୍ତ।

ଅଜିତ କୁମାର ମହାପାତ୍ର। ଏମାନଙ୍କଠାରୁ ଗୋଟିଏ ମାଉଜର ଓ ଏକ ଜୀବନ୍ତ ଗୁଳି ଜବତ କରାଯାଇଛି। ପୋଲିସ ସୂଚନା ମୁତାବକ, ଦୀର୍ଘଦିନ ହେବ ବୁଦ୍ଧନଗର ଅଞ୍ଚଳରେ ଉକ୍ତ ଦୁଇ ଅଭିଯୁକ୍ତ ଚୋରାରେ ବନ୍ଧୁକ ବିକ୍ରି କରୁଥିବା ସୂଚନା ମିଳିଥିଲା। ଫଳରେ ଅଚାନକ ଚଢ଼ାଉ କରି ସେମାନଙ୍କୁ ଧରାଯାଇଥିଲା। ପୋଲିସ ୨୯୫/୧୮ନଂରେ ଏକ ମାମଲା ରୁଜୁ କରିବା ସହ ପଚରାଉଚୁରା ସମୟରେ ବିହାରର ମୁଙ୍ଗେର ଅଞ୍ଚଳରୁ ବନ୍ଧୁକ ଆଣି ଏମାନେ ବିଭିନ୍ନ ବ୍ୟକ୍ତିଙ୍କୁ ଯୋଗାଉଥିବା ଜଣାପଡ଼ିଛି।

# ନିଖୋଜ ମା', ଶିଶୁକନ୍ୟା ମୃତଦେହ କୂଅରୁ ଉଦ୍ଧାର

ବଡ଼ମ୍ବା,୨୫।୧୧(ଡି.ଏନ.ଏ.)

ନିଖୋଜ ଥିବା ମା' ଓ ଏକ ଦୁଇ ବର୍ଷର ଶିଶୁକନ୍ୟାଙ୍କ ମୃତଦେହ ରବିବାର ତାଙ୍କ ଘର ନିକଟ କୂଅରୁ ଉଦ୍ଧାର କରାଯାଇଛି। ମୃତକହେଲେ କଟକ ଜିଲା ବଡ଼ମ୍ବା ଥାନା ଅଧୀନ ଦାଶରଥୀପୁର ଗ୍ରାମର ଅଯୋଧ୍ୟା ମୁଦୁଲିଙ୍କ ସ୍ତ୍ରୀ ଅନସୂୟା ଓ ଝିଅ ଯାଜ୍ଞସେନୀ। ଶନିବାର ରାତିରୁ ମା'ଝିଅ ନିଖୋଜ ଥିଲେ। ପରିବାର ଲୋକେ ସେମାନଙ୍କୁ ଚାରିଆଡ଼େ ଖୋଜାଖୋଜି କରିବା ପରେ ମଧ୍ୟ ପାଇ ନ ଥିଲେ। ଅପରାହ୍ନରେ ଘର ନିକଟ କୂଅରେ ଉଭୟଙ୍କ ମୃତଦେହ ଭାସୁଥିବା ପରିବାର ଲୋକେ ଦେଖିବାକୁ ପାଇଥିଲେ। ଫଳରେ ଏ ସମ୍ପର୍କରେ ଥାନାରେ ଜଣାଇଥିଲେ। ଖବର ପାଇ ପୋଲିସ ପହଞ୍ଚି ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ମୃତଦେହ ୨ଟିକୁ ଉଦ୍ଧାର କରିଥିଲା। ପରେ ବଡ଼ମ୍ବା ଡାକ୍ତରଖାନାକୁ ଆଣି ବ୍ୟବଚ୍ଛେଦ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଘଟଣାକୁ ନେଇ ମୃତ ମହିଳାଙ୍କ ବାପା ବ୍ଲକ ଅଧୀନ ବେଲିଆପାଳ ଗ୍ରାମର ପ୍ରଫୁଲ୍ଲ କୁମାର ମୁଦୁଲି ଥାନାରେ କୂଅରେ ପଡ଼ି ଝିଅ ଓ ତାଙ୍କ ନାତୁଣୀଙ୍କ ମୃତ୍ୟୁ ହୋଇଥିବା ଅଭିଯୋଗ କରିଛନ୍ତି। ତେବେ କେଉଁ ପରିସ୍ଥିତିରେ ମା'ଝିଅ କୂଅରେ ପଡ଼ି ପ୍ରାଣ ହରାଇଲେ ସେ ସମ୍ପର୍କରେ ଜଣା ପଡ଼ିନାହିଁ। ପୋଲିସ ଅଭିଯୋଗ ପାଇବା ପରେ ଏକ ଅପମୃତ୍ୟୁ ମାମଲା ରୁଜୁକରି ଘଟଣାର ତଦନ୍ତ ଆରମ୍ଭ କରିଛି। ମୃତ ମହିଳାଙ୍କ ଶାଶୁଘର ଲୋକେ ମୃତ୍ୟୁ ସମ୍ପର୍କରେ କୌଣସି ସୂଚନା ଦେଇନାହାନ୍ତି।








ସୁନୀଲ



ଚନ୍ଦନ



ସୁସ୍ମିତା



ଟିନା



ପ୍ରଦୀପ



ସାଗର



ସୂର୍ଯ୍ୟକାନ୍ତ



ପ୍ରଦୋଷ





# ବାଲିଯାତ୍ରା ଭିଡ଼ ଜମିଲା

**ରବିବାର ଥିଲା ବାଲିଯାତ୍ରାର ତୃତୀୟ ଦିନ। ଦିନତମାମ ପଡିଆରେ ଗହଳିଚହଳି ଲାଗି ରହିଥିଲା। କେତେକ ଲୋକ ଦିନରେ ବାଲିଯାତ୍ରା ବୁଲି ଘରକୁ ଫେରିଯାଇଥିଲେ। ହେଲେ ଅସଲ ଭିଡ଼ ଦେଖିବାକୁ ମିଳିଥିଲା ସନ୍ଧ୍ୟାରେ। ବାଲିଯାତ୍ରା ମୁଖ୍ୟଗେଟ୍‌କୁ ରଙ୍ଗବେରଙ୍ଗ ଆଲୋକମାଳାରେ ସଜା ଯାଇଥିବାବେଳେ ଏହା ଲୋକଙ୍କୁ ଅଧିକ ଆକର୍ଷିତ କରୁଥିଲା। ରବିବାର ଛୁଟିଦିନରେ ଲକ୍ଷାଧିକ ଲୋକଙ୍କ ସମାଗମ ହୋଇଥିଲା।**

## ପଡ଼ିଆରେ ଲୋକେ ପାଳିଲେ ଛାଡ଼ଖାଇ



**କଟକ ଅଫିସ, ୨୫।୧୧**

ଶନିବାର ଛାଡ଼ଖାଇ ସରିଥିଲେ ସୁଦ୍ଧା ବାଲିଯାତ୍ରାରେ ରବିବାର ଲୋକେ ଛାଡ଼ଖାଇ ପାଳିଥିଲେ। ବାଲିଯାତ୍ରାର ବିଭିନ୍ନ ଆମିଷ ଖାଦ୍ୟ ଷ୍ଟଲରେ ଲୋକମାନେ ଭିଡ ଜମାଇଥିଲେ। ବ୍ୟବସାୟୀମାନେ ସେହି ଅନୁସାରେ ପ୍ରସ୍ତୁତି କରିଥିଲେ। ମାଛ, କଙ୍କଡା, ଅଣ୍ଡା, ଚିକେନ୍, ଚିଙ୍ଗୁଡିରେ ପ୍ରସ୍ତୁତ ବିଭିନ୍ନ ଆଇଟମ୍‌କୁ ବ୍ୟବସାୟୀମାନେ ଷ୍ଟଲରେ ସଜ୍ଜିତ କରି ରଖିଥିଲେ। ଫଳରେ ଲୋକମାନେ ଏହି ଆଇଟମ୍‌ର ମଜା ଉଠାଇଥିଲେ। ଏଥିସହ ଫାଷ୍ଟଫୁଡ ଷ୍ଟଲରେ ମଧ୍ୟ ଭିଡ଼ ପରିଲକ୍ଷିତ ହୋଇଥିଲା। ଦିଲ୍ଲୀରୁ ପରିବାର ସହ ବାଲିଯାତ୍ରା ବୁଲିବାକୁ ଆସିଥିବା ରୋନକ ସିଂ କହିଛନ୍ତି, କଟକ ବାଲିଯାତ୍ରା ବିଷୟରେ ପୂର୍ବରୁ ଅନେକ ଥର ଶୁଣିଛି ଏବଂ ସୋସିଆଲ ମିଡ଼ିଆରେ ମଧ୍ୟ ଦେଖିଛି। ହେଲେ ଏ ବର୍ଷ ପରିବାର ସହ ଏହି ମେଳା ବୁଲିବାକୁ ଆସିଥିଲି। ବାଲିଯାତ୍ରାର ଆକର୍ଷଣ ଏବଂ ଓଡ଼ିଶାର ଲୋକ ସଂସ୍କୃତିକୁ ଜାଣିବା ପାଇଁ ଏକ ସୁଯୋଗ ମିଳିଲା।

### ଗୁଜବ ଉଠିଲା, ନିଆଁ ଲାଗିଛି

ରବିବାରରେ ବାଲିଯାତ୍ରାର ଭିଡ଼ ବହୁଗୁଣ ହୋଇପଡ଼ିଥିବାବେଳେ ହଠାତ୍ ସନ୍ଧ୍ୟା ବେଳେ ଏକ ଗୁଜବ ଉଠିଥିଲା, ଖାଦ୍ୟ ମେଳାର ଏକ ଷ୍ଟଲ୍‌ରେ ନିଆଁ ଲାଗିଛି। ଏହାଶୁଣି ଲୋକମାନେ ଧାଁଦୌଡ଼ କରିଥିଲେ। ଅଗ୍ନିଶମ ବିଭାଗର ଅଧିକାରୀ ଓ କର୍ମଚାରୀମାନେ ଖାଦ୍ୟମେଳାରେ ପହଞ୍ଚିଥିଲେ ମଧ୍ୟ କୌଣସି ଷ୍ଟଲ୍ ନିଆଁ ଦ୍ୱାରା କ୍ଷତିଗ୍ରସ୍ତ ହୋଇ ନ ଥିବା ଦେଖିବାକୁ ପାଇଥିଲେ। ମାତ୍ର ଏହି ଗୁଜବ ଫଳରେ କିଛି ସମୟ ଧରି ବାଲିଯାତ୍ରା ପରିସରରେ କୋଳାହଳ ସୃଷ୍ଟି ହୋଇଥିଲା।

### ବାଙ୍କୀରୁ ଆସିଛି ବେତ ଚେୟାର

ପ୍ରତିବର୍ଷ ବାଲିଯାତ୍ରାରେ ବେତ ତିଆରି ସାମଗ୍ରୀ ବିକ୍ରି ହୋଇଆସୁଛି। ବିଶେଷକରି ବାଙ୍କୀ କଳାପଥର ଅଞ୍ଚଳର ବୁଣାକାରମାନେ ଏହି ବେତ ତିଆରି ସାମଗ୍ରୀ ଆଣି ବାଲିଯାତ୍ରାରେ ବିକ୍ରି କରିଥାନ୍ତି। ଗତବର୍ଷ ଅପେକ୍ଷା ଚଳିତବର୍ଷ ବାଲିଯାତ୍ରାରେ ବେପାର ସେତେ ମାତ୍ରାରେ ହୋଇନି ବୋଲି ବେପାରୀ ଦିବାକର ବେହେରା କହିଛନ୍ତି।

### ମଡର୍ନ ଆର୍ଟର ଦାମ୍ ଅଧିକ

ଚିତ୍ରକଳାକୁ ନେଇ ହୋଇଥିବା କିଛି ଷ୍ଟଲ୍‌ଗୁଡ଼ିକ ମଧ୍ୟରେ ଯେଉଁ ଷ୍ଟଲ୍‌ରେ ମଡର୍ନ ତଥା ଆଧୁନିକ ଚିତ୍ରକଳାଗୁଡ଼ିକ ରହିଛି, ସେଠାରେ ଅଧିକ ଭିଡ଼ ହୋଇଥିବା ଦେଖିବାକୁ ମିଳିଛି। ପୁରାଣ, ସଂସ୍କୃତିକୁ ନେଇ ରୂପାୟନ ହୋଇଥିବା ମଡର୍ନ ଆର୍ଟଗୁଡ଼ିକର ଦାମ୍ ମଧ୍ୟ ସେହିପରି ଆକାଶଛୁଆଁ ରହିଛି। ୧୦୦୦ ଟଙ୍କାରୁ ଆରମ୍ଭ କରି ୩୦ହଜାର ପର୍ଯ୍ୟନ୍ତ ଗୋଟିଏ ଗୋଟିଏ ଆର୍ଟର ମୂଲ୍ୟ ଚିତ୍ରଶିଳ୍ପୀମାନେ ଧାର୍ଯ୍ୟ କରିଛନ୍ତି।

### ଶୋଭା ବଢ଼ାଉଛି ପ୍ଲାଷ୍ଟିକ ଫୁଲ

ଘରସଜା ସାମଗ୍ରୀ ଭାବେ ପ୍ଲାଷ୍ଟିକ୍ ଫୁଲ ବହୁଳ ଭାବେ ବ୍ୟବହୃତ ହୁଏ। ତେବେ ବାଲିଯାତ୍ରା ସମୟରେ ଗତ କିଛିବର୍ଷ ଧରି ଏହି ପ୍ଲାଷ୍ଟିକ ଫୁଲର ବେପାର ହୋଇ ଆସୁଅଛି। ବିଶେଷକରି ଏହି ଫୁଲ ବିକ୍ରି କରିବା ପାଇଁ କଲିକତାରୁ ବ୍ୟବସାୟୀମାନେ ଆସନ୍ତି। ପ୍ଲାଷ୍ଟିକ୍ ଫୁଲ ବିକ୍ରି ହେଉଥିବା ଷ୍ଟଲ୍‌ଗୁଡ଼ିକ ଦୂରରୁ ମଧ୍ୟ ଆକର୍ଷଣୀୟ ଲାଗେ। ଏହି ଷ୍ଟଲ୍‌ଗୁଡ଼ିକରେ ୩୦ ଟଙ୍କାରୁ ଆରମ୍ଭ କରି ୧ହଜାର ଟଙ୍କା ପର୍ଯ୍ୟନ୍ତ ବିଭିନ୍ନ ପ୍ଲାଷ୍ଟିକ୍ ତିଆରି ଆକର୍ଷଣୀୟ ସାମଗ୍ରୀ ବିକ୍ରି ହେଉଛି।

### ଭିଡ଼ ପାଇଁ ପୋଲିସ ନାକେଦମ

ଭିଡ଼ ନିୟନ୍ତ୍ରଣ ପାଇଁ ପୋଲିସ ଯେତେ ଯାହା ବ୍ୟବସ୍ଥା କରିଥିଲେ ସୁଦ୍ଧା ରବିବାର ବାଲିଯାତ୍ରା ପଡ଼ିଆକୁ ଯିବା ରାସ୍ତାରେ ଟ୍ରାଫିକ ସମସ୍ୟା ସୃଷ୍ଟି ହୋଇଛି। ସନ୍ଧ୍ୟା ୭ଟା ପରେ ଭିଡ଼ ଏଭଳି ବଢିଥିଲା କି ପୋଲିସ କିଛି ଲୋକଙ୍କୁ ପଡ଼ିଆ ଭିତରକୁ ପ୍ରବେଶ ପାଇଁ ମଧ୍ୟ କିଛିକ୍ଷଣ ଅଟକାଇ ରଖିଥିଲା।



### ଗୋଟିଏରେ ଗୋଟିଏ ଫ୍ରି

ବାଲିଯାତ୍ରାରେ ଏତେ ସଂଖ୍ୟକ ଲୋକଙ୍କୁ ଏକାଠି ପାଉଥିବାରୁ ବ୍ୟବସାୟୀ ମଧ୍ୟ ଗ୍ରାହକଙ୍କୁ କିଛି ଅଫର ଦେବାକୁ ଚାହେଁ। ତେଣୁ ବିଭିନ୍ନ କମ୍ପାନୀର ଷ୍ଟଲ୍‌ରେ ଗୋଟିଏ କିଣିଲେ ଗୋଟିଏ ଫ୍ରି ଅଫର। ଜଣେ ଷ୍ଟଲ୍ ବ୍ୟବସାୟୀ କହିଛନ୍ତି, ଏଭଳି ବ୍ୟବସ୍ଥାରେ ଉଭୟ ଗ୍ରାହକ ଓ ବ୍ୟବସାୟୀ ଦୁହେଁ ଖୁସି। ବ୍ୟବସାୟୀର ବିକ୍ରି ବଢିଲା, ଗ୍ରାହକ ମଧ୍ୟ ଅଫର ପାଇ ଅଧିକ କିଣିଲା।

### ଡିମାଣ୍ଡରେ ହାମର୍ ଦୋଳି

ଚଳିତବର୍ଷ ଦୋଳି ହେବ କି ନାହିଁ ସେ ନେଇ ଆରମ୍ଭ ହୋଇଥିଲା ଦ୍ୱନ୍ଦ୍ୱ। ହେଲେ ରବିବାର ପଡ଼ିଆରେ ସବୁ ଦୋଳି ପାଖରେ ଲୋକଙ୍କ ଭିଡ଼ ଦେଖିବାକୁ ମିଳିଥିଲା। ହାମର୍ ଦୋଳିରେ ବସିବା ପାଇଁ ଲୋକଙ୍କ ମଧ୍ୟରେ ସବୁଠୁ ବେଶି ଆଗ୍ରହ ଦେଖିବାକୁ ମିଳିଥିଲା। ଭିଡ଼ ଏତେ ଯେ ହାତରେ ଟିକେଟ ଧରି ପ୍ରାୟ ୪୫ ମିନିଟ୍ ଅପେକ୍ଷା କରିବାକୁ ପଡ଼ିଥିଲା। ସବୁ ଦୋଳି ଭିତରେ ହାମର୍ ଦୋଳିର ଟିକେଟ ଦାମ ବ୍ୟକ୍ତି ପିଛା ୧୦୦ ଟଙ୍କା ଥିଲା।

(Caption for photo 2) ବାଲିଯାତ୍ରାରେ ଦୋଳିର ମଜା ନେଉଛନ୍ତି ଲୋକେ।

# ମନମୋହିଲା ଫ୍ୟୁଜନ ନୃତ୍ୟ

**କଟକ ଅଫିସ,୨୫।୧୧**

ବାଲିଯାତ୍ରାର ତୃତୀୟ ସନ୍ଧ୍ୟାରେ ଗଣକବି ବୈଷ୍ଣବ ପାଣି ମଞ୍ଚରେ ମୁଖ୍ୟ ଆକର୍ଷଣ ରହିଥିଲା କିନ୍ନରମାନଙ୍କ ଫ୍ୟୁଜନ ନୃତ୍ୟ। କଟକର ମାତୃଶକ୍ତି ଡ୍ୟାନ୍ସ ଏକାଡେମୀର କିନ୍ନର କଳାକାରମାନେ ଐଗିରୀ ନନ୍ଦିନୀ ଗୀତରେ ଫ୍ୟୁଜନ ନୃତ୍ୟ ପରିବେଷଣ କରିଥିଲେ। ଏହା ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଥିଲା। ଏହି ନୃତ୍ୟ ମାଧ୍ୟମରେ ମା' ଦୁର୍ଗାଙ୍କ ବିଭିନ୍ନ ଅବତାର ଉପସ୍ଥିତ ଦର୍ଶକଙ୍କୁ ମୁଗ୍ଧ କରିଥିଲା। ଓଡ଼ିଶୀ ନୃତ୍ୟ ଦ୍ୱାରା ଅଙ୍ଗୀକା ନୃତ୍ୟ ଏକାଡେମୀର କଳାକାରମାନେ ଓଡିଶୀ ନୃତ୍ୟ ପରିବେଷଣ କରିଥିଲେ। ଏହାର ନିର୍ଦ୍ଦେଶନା ଦେଇଥିଲେ ଗୁରୁ ଶ୍ରାବଣୀ ମିତ୍ର। ପରେ କଲେଜଛକ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର କୁନିକୁନି କଳାକାରମାନେ ପାଇକ ନୃତ୍ୟ ପରିବେଷଣ କରିଥିଲେ। ରାଉରକେଲାର ଏକ ଅନୁଷ୍ଠାନ ନୃତ୍ୟ ପରିବେଷଣ କରିବା ପରେ କଣ୍ଠଶିଳ୍ପୀ ଆଶୁତୋଷ ପଣ୍ଡା ଓ ସୁମନ ହୃଦୟସ୍ପର୍ଶୀ ଡୁଏଟ ଗୀତରେ ମଞ୍ଚକୁ ଶୋଭାବର୍ଦ୍ଧନ କରିଥିଲେ। ସିଲିଗୁଡ଼ିର ମଲିକା ଡ୍ୟାନ୍ସ ଏକାଡେମୀର କଳାକାରଙ୍କ ଦ୍ୱାରା ଭାରତନାଟ୍ୟମ ନୃତ୍ୟ ପରିବେଷିତ ହୋଇଥିଲା। ଏଥିରେ ଉପଜିଲାପାଳ ସୁକାନ୍ତ କୁମାର ପ୍ରଧାନ, ଜିଲା ସଂସ୍କୃତି ଅଧିକାରୀ ଅନନ୍ତ ପ୍ରସାଦ ସେଠୀ, ପୂର୍ବତନ ଜିଲା ସଂସ୍କୃତି ଅଧିକାରୀ ସୁରେନ୍ଦ୍ରନାଥ ସାମନ୍ତରାୟ ଅତିଥି ଭାବେ ଯୋଗଦେଇଥିଲେ।





କାଠରେ ପ୍ରସ୍ତୁତ ଖେଳଣାଗୁଡ଼ିକୁ ଦେଖୁଛନ୍ତି ମହିଳା ଓ ଶିଶୁ।



ଜଣେ ଯୁବତୀ ବନ୍ଧୁକରେ ବେଲୁନ୍‌କୁ ଲକ୍ଷ୍ୟଭେଦ କରୁଛନ୍ତି।



ଏକ ଷ୍ଟଲରେ ପ୍ରଦର୍ଶିତ ବେତରେ ପ୍ରସ୍ତୁତ ସୋଫା, ଚେୟାର ଓ ଅନ୍ୟାନ୍ୟ ସାମଗ୍ରୀ।





ବାଲିଯାତ୍ରା ତଳ ପଡ଼ିଆରେ ଡ୍ରାଗନ୍ ଟ୍ରେନ୍(ଉପର) ଓ ମିନି ମୋଟର ବୋଟର ମଜା ନେଉଛନ୍ତି ପିଲାମାନେ।



ପଲ୍ଲିଶ୍ରୀ ମେଳାରେ ବ୍ରୋଞ୍ଜରେ ପ୍ରସ୍ତୁତ ଆଦିବାସୀ କଳାକୃତି ଦେଖୁଛନ୍ତି ଯୁବତୀମାନେ।



ଭିନ୍ନକ୍ଷମ ସଶକ୍ତୀକରଣ ଷ୍ଟଲରେ ବର୍ଜ୍ୟବସ୍ତୁରେ ତିଆରି ଏକ କଳାକୃତି ସହ ସେଲ୍‌ଫି।



ପ୍ରାଚୁର୍ଯ୍ୟରେ ଥିଲାବେଳେ ହିଁ ଜଣାପଡ଼ିବ ଲୋକଟି କିଭଳି ଖରାପ।
–ଜନ୍ କାସ୍‌ପର୍ ଲାଭାଟର



## ସଂକ୍ଷେପରେ

କିଟ୍ କ୍ୟାମ୍ପସ୍‌ରେ ସଂଘର୍ଷ ଘଟଣା

### ସ୍ପଷ୍ଟୀକରଣ ଦେଲେ କର୍ତ୍ତୃପକ୍ଷ

**ଭୁବନେଶ୍ୱର,୨୫।୧୧(ବ୍ୟୁରୋ):** କିଟ୍ ବିଶ୍ୱବିଦ୍ୟାଳୟ କ୍ୟାମ୍ପସରେ ଆଇନ ଏବଂ ଇଞ୍ଜିନିୟରିଂ ଛାତ୍ରଙ୍କ ମଧ୍ୟରେ ଶନିବାର ଘଟିଥିବା ଗୋଷ୍ଠୀ ସଂଘର୍ଷ ଘଟଣାରେ କିଟ୍ କର୍ତ୍ତୃପକ୍ଷ ସ୍ପଷ୍ଟୀକରଣ ଦେଇଛନ୍ତି। କର୍ତ୍ତୃପକ୍ଷ କହିଛନ୍ତି ଯେ, ବିଶ୍ୱବିଦ୍ୟାଳୟକୁ ସାଇନ-ଏ-ଡାଏ ଘୋଷଣା କରାଯାଇ ନାହିଁ। କଲେଜ ସ୍ୱାଭାବିକ ଚାଲିଛି। ପ୍ରତିଷେଧମୂଳକ ପଦକ୍ଷେପସ୍ୱରୂପ କେବଳ ୨ଟି ଛାତ୍ରାବାସକୁ ଖାଲି କରାଯାଇଛି। କୌଣସି ଛାତ୍ର ଆଇସିୟୁରେ ନାହାନ୍ତି। ଜଣେ ଛାତ୍ରଙ୍କ ମୃତ୍ୟୁ ଘଟିଥିବା ନେଇ ଯେଉଁ ଚର୍ଚ୍ଚା ହେଉଛି ତାହା ମିଥ୍ୟା। ସମସ୍ତଙ୍କୁ ଚିକିତ୍ସା ପରେ ଛାଡି ଦିଆଯାଇଛି। ଅନ୍ୟପଟେ ଆଇନ ଛାତ୍ରଙ୍କ ଆକ୍ରମଣରେ ଇଞ୍ଜିନିୟରିଂ ଛାତ୍ର ଆହତ ହୋଇଥିବା ନେଇ ଗଣମାଧ୍ୟମରେ ଖବର ପ୍ରକାଶ ପାଇଥିଲା। କିନ୍ତୁ ଇଞ୍ଜିନିୟରିଂ ଛାତ୍ରମାନେ ଆଇନ ଛାତ୍ରଙ୍କୁ ଆକ୍ରମଣ କରିଥିବା ଜଣେ ଆଇନ ଛାତ୍ର ଇ-ମେଲ୍ ଯୋଗେ ଜଣାଇଛନ୍ତି।

### ଜାଲ୍ ସାର୍ଟିଫିକେଟ ତିଆରି କରୁଥିବା ସଂସ୍ଥାର ୩ ଗିରଫ

**ଭୁବନେଶ୍ୱର,୨୫।୧୧(ବ୍ୟୁରୋ):** ବିଭିନ୍ନ ଜାଲ ସାର୍ଟିଫିକେଟ ତିଆରି କରୁଥିବା ଏକ ସଂସ୍ଥା ୩ ଜଣଙ୍କୁ କ୍ୟାପିଟାଲ ଥାନା ପୋଲିସ ରବିବାର ଗିରଫ କରିଛି। ସେମାନେ ହେଲେ ୟୁନିଟ୍-୬ ଅଞ୍ଚଳର ନିରୋଧ କୁମାର ସାମଲ, ବଟକୃଷ୍ଣ ପାତ୍ର ଏବଂ ଧନେଶ୍ୱର ପରିଡା। ଅଭିଯୁକ୍ତମାନେ ମିଶି ପାସ୍‌ପୋର୍ଟ ଅଫିସ ନିକଟରେ ଏକ ସଂସ୍ଥା ଖୋଲି ବିଭିନ୍ନ ସରକାରୀ ସ୍ତରରେ ଆବଶ୍ୟକ ସାର୍ଟିଫିକେଟ ତିଆରି କରୁଥିଲେ। ନେଦର ଲାଣ୍ଡରେ ଉଚ୍ଚଶିକ୍ଷା ପାଇଁ ଜଣେ ଯୁବତୀ ପାସ୍‌ପୋର୍ଟ ଅଫିସ ଯାଇଥିଲେ। ବିଦେଶ ଯିବା ଲାଗି ତାଙ୍କର ଜନ୍ମ ପ୍ରମାଣପତ୍ର ଆବଶ୍ୟକ ଥିଲା। ନିରୋଧଙ୍କ ସଂସ୍ଥା ତାଙ୍କୁ ୪ଦିନ ଭିତରେ ପ୍ରମାଣପତ୍ର ପ୍ରଦାନ କରିବା ଲାଗି କହିବା ସହ ୪ ହଜାର ଟଙ୍କା ନେଇଥିଲା। ଯୁବତୀ ଜଣକ ଉକ୍ତ ପ୍ରମାଣପତ୍ରକୁ ଦାଖଲ କରିବା ପରେ ଯାଞ୍ଚ ସମୟରେ ତାହା ଜାଲ୍ ବୋଲି ଜଣାପଡ଼ିଥିଲା। ସରକାରୀ ସ୍ତରରେ ଯାଞ୍ଚରେ ତାହା ଜାଲ ବୋଲି ଜଣାପଡିଥିଲା। ପରେ ସରକାରଙ୍କ ପକ୍ଷରୁ ଏ ନେଇ କ୍ୟାପିଟାଲ ଥାନାରେ ଅଭିଯୋଗ ହେବା ପରେ ଏକ ମାମଲା(୫୫୭/୧୮) ରୁଜୁ ହୋଇଥିଲା। ପୋଲିସ ସାର୍ଟିଫିକେଟ ନେଇଥିବା ଯୁବତୀଙ୍କୁ ପଚରାଉଚରା ପରେ ଉକ୍ତ ସଂସ୍ଥାରେ ଚଢ଼ାଉ କରି ଅଭିଯୁକ୍ତମାନଙ୍କୁ ଗିରଫ କରିଛି। ଏଥିସହ ସେଠାରୁ ଅନେକ ଜାଲ୍ ପ୍ରମାଣପତ୍ର ଜବତ ହୋଇଛି।

### ଟ୍ରକ୍ ଚକ ତଳେ ଚାପି ହୋଇ ସ୍କୁଟି ଚାଳକଙ୍କ ମୃତ୍ୟୁ

**ଭୁବନେଶ୍ୱର,୨୫।୧୧(ବ୍ୟୁରୋ):** ମଞ୍ଚେଶ୍ୱର ଥାନା ନିକଟରେ ଟ୍ରକ୍ ଚକ ତଳେ ଚାପିହୋଇ ଜଣେ ସ୍କୁଟି ଚାଳକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଭିଏସ୍‌ଏସ୍ ନଗରର ଲିଙ୍ଗରାଜ ଜେନା। ଇଡକୋ ମାର୍କେଟ କମ୍ପ୍ଲେକ୍ସ ନିକଟରେ ତାଙ୍କର ଏକ ପାନ ଦୋକାନ ରହିଛି। ରବିବାର ଅପରାହ୍ନ ପ୍ରାୟ ୧ଟା ବେଳକୁ ସେ ଦୋକାନ ବନ୍ଦ କରି ସ୍କୁଟିରେ ଘରକୁ ଫେରୁଥିଲେ। ମଞ୍ଚେଶ୍ୱର ଥାନା ନିକଟରେ ଏକ ଟ୍ରକ(ଓଆର ୦୨ବିଡବ୍ଲ୍ୟୁ ୬୭୪୮)କୁ ଅତିକ୍ରମ କରିବା ବେଳେ ଲିଙ୍ଗରାଜଙ୍କ ସ୍କୁଟି ଚକ ବାଲିରେ ଖସିଯାଇଥିଲା। ଫଳରେ ସେ ଗାଡ଼ିରୁ ଖସି ଟ୍ରକ ପଛ ଚକ ତଳେ ପଡ଼ିଯାଇଥିଲେ। ତାଙ୍କ ମୁଣ୍ଡ ଚକ ତଳେ ଚାପି ହୋଇଯିବାରୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ କ୍ୟାପିଟାଲ ହସ୍ପିଟାଲ ପଠାଇବା ସହ ଟ୍ରକକୁ ଜବତ କରିଛି। ଡ୍ରାଇଭର ନୟାଗଡ଼ ଜିଲା ଫତେଗଡ ଥାନା ସାନସହର ଗ୍ରାମର ସାଧୁ ଚରଣ ପରିଡାଙ୍କୁ ପୋଲିସ ଗିରଫ କରିଛି। ଏ ନେଇ ଏକ ମାମଲା (୫୫୭/୧୮) ରୁଜୁ ହୋଇଛି।

### ଝରକା ବାଟେ ଲାପଟପ ଚୋରି, ପୋଲିସ ରଖୁନି ଏତଲା

**ପୁରୁଣା ଭୁବନେଶ୍ୱର,୨୫।୧୧(ଡି.ଏନ.ଏ.):** ଝରକା କବାଟ ଖୋଲି ଦିନ ଦ୍ୱିପ୍ରହରରେ ଜଣେ ଛାତ୍ରୀଙ୍କ ଲାପଟପକୁ ଦୁର୍ବୃତ୍ତ ନେଇ ଯାଇଛନ୍ତି। ଘଟଣା ଘଟିଛି ଲିଙ୍ଗରାଜ ଥାନା ଅଧୀନ ଆନିହାଉସ ଛକ ନିକଟ ଲିଙ୍ଗରାଜନଗରରେ। ଏଠାରେ ରହୁଥିବା ଲୋପାମୁଦ୍ରା ମହାପାତ୍ର ନାମ୍ନୀ ଛାତ୍ରୀ ନିଜର ପଢ଼ା ଘରେ ଲାପଟପ ରଖିଥିଲେ। ଦୁର୍ବୃତ୍ତ ଝରକା କବାଟ ଖୋଲି ଆଙ୍କୁଡା ଲଗାଇ ଲାପଟପ ନେଇଥିବା ସେ ଅଭିଯୋଗରେ ଦର୍ଶାଇଛନ୍ତି। ଲାପଟପର ମୂଲ୍ୟ ୭୦ ହଜାର ଟଙ୍କା। ତେବେ ଲୋପାମୁଦ୍ରା ଏ ନେଇ ଥାନାକୁ ଅଭିଯୋଗ କରିବାକୁ ଯାଇଥିଲେ। ହେଲେ ଚୋରି ଘଟଣା ନେଇ ପୋଲିସ ଏତଲା ରଖୁ ନ ଥିବାରୁ ଛାତ୍ରୀ ଜଣକ ପୋଲିସ ଉପରୁ ବିଶ୍ୱାସ ହରାଇଛନ୍ତି।

■ ଜମିଜମା ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ଦାବି

# କୋଣାର୍କ ଉତ୍ସବ ବନ୍ଦ ପାଇଁ ଚେତାବନୀ

**କୋଣାର୍କ, ୨୫।୧୧(ଡି.ଏନ୍.ଏ.)**

କୋଣାର୍କ ଯାତ୍ରୀନିବାସ ସମ୍ମେଳନ କକ୍ଷରେ ଭୂସୁରକ୍ଷା କ୍ରିୟାନୁଷ୍ଠାନ କମିଟି ପକ୍ଷରୁ କୋଣାର୍କ ସମେତ ୧୦ଗୋଟି ରାଜସ୍ୱ ମୌଜାର ଜମିଜମା ସମସ୍ୟାର ସ୍ଥାୟୀ ସମାଧାନ ନିମନ୍ତେ ଅବହେଳିତ କୋଣାର୍କ ଶୀର୍ଷକ କର୍ମଶାଳା ରବିବାର ଅନୁଷ୍ଠିତ ହୋଇଯାଇଛି। ଆଗାମୀ ଦିନରେ ଜମିଜମା ସମସ୍ୟାର ସ୍ଥାୟୀ ସମାଧାନ ସମେତ ଅନ୍ୟାନ୍ୟ ସମସ୍ୟା ଉପରେ ପ୍ରଶାସନ ତୁରନ୍ତ ପଦକ୍ଷେପ ନ ନେଲେ ଆସନ୍ତା କୋଣାର୍କ ଉତ୍ସବକୁ ସମ୍ପୂର୍ଣ୍ଣ ଅଚଳ କରିଦିଆଯିବ ବୋଲି କ୍ରିୟାନୁଷ୍ଠାନ କମିଟି ଆବାହକ ସୁକାନ୍ତ କୁମାର ମହାନ୍ତି ବୈଠକରେ ଚେତାବନୀ ଦେଇଥିଲେ।

ପ୍ରକାଶ ଥାଉକି, କମିଟି ପକ୍ଷରୁ ଦୀର୍ଘଦିନ ଧରି ଜିଲା ପ୍ରଶାସନ ନିକଟରେ ଜମିଜମା ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ଦାବି ହୋଇ ଆସୁଥିଲେ ମଧ୍ୟ ପ୍ରଶାସନ ଏଥିପ୍ରତି କର୍ଣ୍ଣପାତ କରୁ ନାହିଁ। ଏହି ସମସ୍ୟା ଯୋଗୁ ଛାତ୍ରୀଛାତ୍ରଙ୍କ ପାଠ ପଢା ନିମନ୍ତେ ଆବାସିକ ପ୍ରମାଣ ପତ୍ର, ଜାତିଗତ ପ୍ରମାଣ ପତ୍ର, ଆୟ ପ୍ରମାଣପତ୍ର ସମେତ ଜମି କିଣା ବିକାରେ ଅସୁବିଧା ହେବା ସହ ବ୍ୟାଙ୍କ ଋଣ ପାଇବାରୁ ପ୍ରଜାମାନେ ବଞ୍ଚିତ ହେଉଥିବାରୁ ବୈଠକରେ ଉଦ୍‌ବେଗ ପ୍ରକାଶ ପାଇଥିଲା। ଗତ ଅଗଷ୍ଟ ମାସ ୧୧ତାରିଖରେ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଏ ନେଇ କୋଣାର୍କ ବନ୍ଦ କରାଯାଇଥିଲା। ସେହି ସମୟରେ ପୁରୀ ଉପଜିଲାପାଳଙ୍କ ନେତୃତ୍ୱରେ କମିଟିର ସଦସ୍ୟମାନଙ୍କୁ ନେଇ କୋଣାର୍କ ନିକଟସ୍ଥ ବାଲିକପିଳେଶ୍ୱରଠାରେ ସମାଧାନ ନିମନ୍ତେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକକୁ ୩ମାସ ବିତିଥିଲେ ବି ଜିଲା ପ୍ରଶାସନ କୌଣସି ଆଖିଦୃଶିଆ ପଦକ୍ଷେପ ନେଇ ନାହିଁ। କମିଟିର ଆବାହକ ତଥା ପୂର୍ବତନ କାଉନସିଲର ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ଭାଜପା ରାଜ୍ୟ କୃଷକ ମୋର୍ଚ୍ଚା ସଭାପତି ଅଶୋକ କୁମାର ସେଠୀ, ସିପିଆଇ ରାଜ୍ୟ ସମ୍ପାଦକ ଆଶିଷ କାନୁନଗୋ, ପ୍ରଦେଶ କଂଗ୍ରେସ କୃଷକ ସେଲ ଅଧ୍ୟକ୍ଷ ଅମୀୟ ପଟ୍ଟନାୟକ, ପ୍ରଦେଶ କଂଗ୍ରେସ କମିଟି ସମ୍ପାଦକ ବିଶ୍ୱଭୂଷଣ ଦାସ, ପୁରୀଜିଲା କଂଗ୍ରେସ କାର୍ଯ୍ୟକାରୀ ସଭାପତି ଅଜିତ ମଙ୍ଗରାଜ, କଂଗ୍ରେସ ମିଡିଆ ସେଲ ଅଧ୍ୟକ୍ଷ ସତ୍ୟପ୍ରକାଶ ନାୟକ ପ୍ରମୁଖ ଯୋଗ ଦେଇଥିଲେ। ଏହାକୁ କ୍ରିୟାନୁଷ୍ଠାନ କମିଟି ସମ୍ପାଦକ ଜ୍ଞାନ ନାୟକ, ଭାସ୍କର ବେହେରା, ଫକୀର ବେହେରା ପ୍ରମୁଖ ପରିଚାଳନା କରିଥିଲେ।



ଯୁବକମାନେ ପର୍ଯ୍ୟଟନ ସ୍ଥଳକୁ ସଫା କରୁଛନ୍ତି।

## ହକି ବିଶ୍ୱକପ ପାଇଁ ପର୍ଯ୍ୟଟନ ସ୍ଥଳ ସଫା କଲେ ଯୁବକ

**ପୁରୁଣା ଭୁବନେଶ୍ୱର,୨୫।୧୧(ଡି.ଏନ.ଏ.)**

ବିଶ୍ୱକପ ହକି ପାଇଁ ବାହାର ଦେଶର ଖେଳାଳି, ପର୍ଯ୍ୟଟକଙ୍କ ଅଗମନ ହେବ। ଏହାକୁ ଆଖି ଆଗରେ ରଖି ରାଜ୍ୟ ସରକାରଙ୍କ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଏହି ଅବସରରେ ଶାନ୍ତିସ୍ତୂପ ଧଉଳି ଓ ଏହାର ଚତୁଃପାର୍ଶ୍ୱ, ମନ୍ଦିର, ଦୟାନଦୀ କୂଳକୁ ସଫେଇ କରିବା ଆରମ୍ଭ କରିଛନ୍ତି ସ୍ଥାନୀୟ ଅଞ୍ଚଳର ଉତ୍ସାହୀ ଯୁବକ, ବାସିନ୍ଦାମାନେ। ରବିବାର ବୈରଙ୍ଗେଶ୍ୱର ମନ୍ଦିର ପରିସର, ପରେ ଦୟାନଦୀର କଳିଙ୍ଗ ଘାଟ ଆଦି ସଫେଇ କରାଯାଇଥିଲା। ଏହି ସଫେଇ କାର୍ଯ୍ୟକ୍ରମ ଅଞ୍ଚଳବାସୀଙ୍କ ଦ୍ୱାରା ଚାଲୁ ରହିବ ବୋଲି ଆଞ୍ଚଳିକ ବିକାଶ ପରିଷଦ ପକ୍ଷରୁ କୁହାଯାଇଛି।

## ସାଇ ଇଣ୍ଟରନ୍ୟାଶନାଲ୍ ସ୍କୁଲରେ 'ଅନ୍‌ୱାଇଣ୍ଡ୍-୨୦୧୮'

**ଭୁବନେଶ୍ୱର, ୨୫।୧୧(ବ୍ୟୁରୋ)**



ସାଇ ଇଣ୍ଟରନ୍ୟାଶନାଲ୍ ସ୍କୁଲରେ ରବିବାର ଅନ୍‌ୱାଇଣ୍ଡ-୨୦୧୮ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଛାତ୍ରୀଛାତ୍ର ଏବଂ ଅଭିଭାବକଙ୍କ ସହିତ ପ୍ରାୟ ୨୫ ହଜାର ଲୋକଙ୍କ ସମାଗମ ହୋଇଥିଲା। ନାଲ୍‌କୋ ସିଏମ୍‌ଡି ତପନ୍ କୁମାର ଚାନ୍ଦ୍ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଏହା ପିଲାଙ୍କ ମଧ୍ୟରେ ପ୍ରତିଯୋଗିତାମୂଳକ ମନୋଭାବ ସୃଷ୍ଟି କରିବା ସହ ସେମାନଙ୍କୁ ଭବିଷ୍ୟତରେ ନୂତନ ଶୈଳୀରେ କାର୍ଯ୍ୟକ୍ରମ କରିବା ପାଇଁ ପ୍ରେରଣା ଯୋଗାଇବ ବୋଲି ଚାନ୍ଦ କହିଥିଲେ। କେନ୍ଦ୍ରୀୟ ବିଦ୍ୟାଳୟର ପ୍ରିନ୍ସିପାଲ୍ ପ୍ରୀତି ରାୟ ଉପସ୍ଥିତ ଥିଲେ। ଉତ୍ସବରେ ଫୁଡ୍, ଫାଷ୍ଟଫୁଡ୍, ଗେମ୍, ଆଡଭେଞ୍ଚର୍, ହରର୍ ଏବଂ ଛୋଟପିଲାଙ୍କ ପାଇଁ ବିଭିନ୍ନ ଖେଳସାମଗ୍ରୀକୁ ନେଇ ୧୧୦ ଷ୍ଟଲ୍ ପଡ଼ିଥିଲା। ଏହି ଅବସରରେ ପିଲାଙ୍କ ସଫଳତା ଲାଗି ଅଭିଭାବକମାନଙ୍କୁ ସମ୍ମାନିତ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମ ଦ୍ୱାରା ଛାତ୍ରୀଛାତ୍ରମାନେ ଭବିଷ୍ୟତରେ ବୃହତ କାର୍ଯ୍ୟକ୍ରମ ଆୟୋଜନ କରିବା ସହିତ ଉଦ୍ୟୋଗପତି ହେବା ପାଇଁ ଅନେକ କିଛି ଶିକ୍ଷା କରିଥାନ୍ତି ବୋଲି ଚେୟାରମ୍ୟାନ୍ ଡ. ବିଜୟ କୁମାର ସାହୁ କହିଥିଲେ। କାର୍ଯ୍ୟକ୍ରମରୁ ସଂଗୃହୀତ ଅର୍ଥରୁ କିଛି ଅଂଶକୁ ସମାଜ ମଙ୍ଗଳ ଏବଂ ଗରିବ ପିଲାଙ୍କ ସହାୟତା ଲାଗି ଆଖପାଖ ଗ୍ରାମାଞ୍ଚଳରେ ୧୦୦ ଲାଇବ୍ରେରି ପ୍ରତିଷ୍ଠାରେ ବିନିଯୋଗ କରାଯିବ। ସନ୍ଧ୍ୟାରେ ଡିଜେ ରିତଭିଜ୍‌ଙ୍କ ଦ୍ୱାରା ସଙ୍ଗୀତ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଭାଇସ୍ ଚେୟାରପର୍ସନ୍ ଶିଳ୍ପୀ ସାହୁ, ପ୍ରିନ୍ସିପାଲ୍ ହରିଶ୍ ସାଲୁଜା, ଭାଇସ୍ ପ୍ରିନ୍ସିପାଲ୍ ନୀଳକଣ୍ଠ ପାଣିଗ୍ରାହୀ ଉପସ୍ଥିତ ଥିଲେ।

## ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ

**ପୁରୁଣା ଭୁବନେଶ୍ୱର,୨୫।୧୧(ଡି.ଏନ.ଏ.)**

ଧଉଳି ପଞ୍ଚାୟତ ଓ ଶାନ୍ତିସ୍ତୂପ ଧଉଳିଠାରେ ବିଭିନ୍ନ ପ୍ରକଳ୍ପର ଶୁଭାରମ୍ଭ ହୋଇଯାଇଛି। ପାର୍ବତୀ ପୋଖରୀ ଚତୁଃପାର୍ଶ୍ୱ ଉନ୍ନତୀକରଣ, ପାର୍କିଂ ସମ୍ପ୍ରସାରଣ, ଟଏଲେଟ, ବ୍ଲକ ନିର୍ମାଣ ଓ ନଖାଉର ଗାଁ ମୁଖ୍ୟ ରାସ୍ତା ପାଇଁ ଶୁଭାରମ୍ଭ ହୋଇଛି। ଏଥିପାଇଁ ପ୍ରାୟ ୩ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ବ୍ୟୟ ଅଟକଳ ହୋଇଛି। ପରେ ଧଉଳି ପଞ୍ଚାୟତର ୪ ଗାଁରେ ୪ଟି ମହିଳା ସମିତି ଗୃହ, ୩ଟି ଅଙ୍ଗନୱାଡ଼ି କେନ୍ଦ୍ର ପାଇଁ ଶିଳାନ୍ୟାସ ହୋଇଛି। ସଂସ୍କୃତି ଓ ପର୍ଯ୍ୟଟନ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ମୁଖ୍ୟଅତିଥି ଭାବେ ଯୋଗଦେଇ ସମସ୍ତ ଯୋଜନାର ଶୁଭାରମ୍ଭ ଓ ଶିଳାନ୍ୟାସ କରିଥିଲେ। ଏଥିରେ ଭୁବନେଶ୍ୱର ବ୍ଲକ ଚେୟାରମ୍ୟାନ ଅବିନାଶ ପଟ୍ଟନାୟକ, ଜିଲା ପରିଷଦ ସଭ୍ୟା ଦୀପ୍ତିମୟୀ ସୁନ୍ଦରାୟ, ଧଉଳି ସରପଞ୍ଚ ପୂର୍ଣ୍ଣିମା ସାହୁ ଉପସ୍ଥିତ ଥିଲେ।

## ପଲିଥିନମୁକ୍ତ ପରିବେଶ ପାଇଁ ସଚେତନ କଲେ ଛାତ୍ରୀଛାତ୍ର




**ଭୁବନେଶ୍ୱର,୨୫।୧୧(ବ୍ୟୁରୋ)**

ପଟିଆସ୍ଥିତ ଓଡିଏମ୍ ପବ୍ଲିକ ସ୍କୁଲ ପରିସରରେ ରବିବାର ଏନ୍‌ସିସି ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଓଡିଏମ୍ ଶିକ୍ଷାନୁଷ୍ଠାନ ସମୂହର ପ୍ରତିଷ୍ଠାତା ତଥା ଅଧ୍ୟକ୍ଷ ଡ. ସତ୍ୟବ୍ରତ ମୀନକେତନଙ୍କ ପୌରୋହିତ୍ୟରେ ଏକ ସାଇକେଲ୍ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଡ. ମୀନକେତନ କ୍ୟାଡେଟ୍‌ମାନଙ୍କୁ ଦିବସର ମହତ୍ତ୍ୱ ସମ୍ପର୍କରେ ବୁଝାଇବା ସହ ନିଷ୍ଠା ଓ ତ୍ୟାଗ ମନୋଭାବ ନେଇ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ। ଏନ୍‌ସିସି ଥାର୍ଡ ଅଫିସର ରଶ୍ମି ରଞ୍ଜନ ଜେନାଙ୍କ ତତ୍ତ୍ୱାବଧାନରେ ୫୦ କ୍ୟାଡେଟ୍ ପଟିଆ, ଇନ୍‌ଫୋସିସ୍ ରୋଡ୍, ଶିଖରଚଣ୍ଡୀ, କିଟ୍ ଛକ ଦେଇ ବିଦ୍ୟାଳୟକୁ ପ୍ରତ୍ୟାବର୍ତ୍ତନ କରିଥିଲେ। ଶୋଭାଯାତ୍ରାରେ 'ଗୋ ଗ୍ରୀନ୍ ଗୋ କ୍ଲିନ୍' ମାଧ୍ୟମରେ ଜନସାଧାରଣଙ୍କୁ ସଚେତନ କରାଯାଇଥିଲା। କ୍ୟାଡେଟ୍‌ମାନେ ପଲିଥିନମୁକ୍ତ ସ୍ୱଚ୍ଛ ପରିବେଶ ଗଠନ ପାଇଁ ଲୋକଙ୍କୁ ବୁଝାଇଥିଲେ। ନିର୍ଦ୍ଦେଶିକା ଇନ୍ଦୁମତୀ ରାୟ ବରିଷ୍ଠ ପରାମର୍ଶଦାତା ବ୍ରହ୍ମାନନ୍ଦ ରାଉତ ଏବଂ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଉପସ୍ଥିତ ଥିଲେ।

# ୧୬ ହକି ଟିମ୍ ମ୍ୟାନେଜରଙ୍କ ସହ କମିଶନରଙ୍କ ବୈଠକ

**ଭୁବନେଶ୍ୱର,୨୫।୧୧(ବ୍ୟୁରୋ)**

ହକି ବିଶ୍ୱକପ୍‌ରେ ଭାଗନେବାକୁ ଥିବା ୧୬ଟି ଟିମ୍‌ର ଖେଳାଳିଙ୍କ ସୁରକ୍ଷା ପାଇଁ କମିଶନରେଟ ପୋଲିସ ପକ୍ଷରୁ ରବିବାର ଟିମ୍ ମ୍ୟାନେଜରମାନଙ୍କ ସହ ଆଲୋଚନା କରାଯାଇଛି। କଳିଙ୍ଗ ଷ୍ଟାଡିୟମରେ ପୋଲିସ କମିଶନରଙ୍କ ଅଧ୍ୟକ୍ଷତାରେ ଏହି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିପାଇଁ କମିଶନରେଟ ପୋଲିସ ପକ୍ଷରୁ ହକି ଇଣ୍ଡିଆକୁ ଅନୁରୋଧ କରାଯାଇଥିଲା। ବୈଠକରେ ୧୬ଟି ଟିମ୍‌ର ମ୍ୟାନେଜରମାନେ ସହରର ସୁରକ୍ଷା ସମ୍ପର୍କରେ ପୋଲିସ କମିଶନର ସତ୍ୟଜିତ ମହାନ୍ତିଙ୍କଠାରୁ ଜାଣିବାକୁ ଚାହିଁଥିଲେ। ପୋଲିସ କମିଶନର ସେମାନଙ୍କୁ ରାଜଧାନୀର ସୁରକ୍ଷା ସମ୍ପର୍କରେ ଅବଗତ କରାଇଥିଲେ। ମ୍ୟାନେଜରମାନେ ସେମାନଙ୍କ କେତେକ ଦାବି ରଖିଥିଲେ। ସେମାନେ ଯେଉଁ ସ୍ଥାନକୁ ବୁଲିବାକୁ ଯିବାକୁ ଚାହିଁବେ ସେଥିପାଇଁ ପୋଲିସର ଅନୁମତି ନେବାକୁ ପଡ଼ିବ କି ବୋଲି ପ୍ରଶ୍ନ କରିଥିଲେ। ସେମାନେ ଯଦି ଚାହିଁବେ ସୁରକ୍ଷା ବ୍ୟବସ୍ଥା ଯୋଗାଇ ଦିଆଯିବ, ନଚେତ୍ ନିଜେ ସହର ଭିତରେ ବୁଲାବୁଲି କରିପାରିବେ ବୋଲି ପୋଲିସ କମିଶନର ସେମାନଙ୍କୁ ଅବଗତ କରିଥିଲେ। ଯଦି କୌଣସି ସମସ୍ୟା ହୁଏ ତେବେ ସେମାନେ ୧୦୦କୁ ଡାଏଲ କରିପାରିବେ ବୋଲି ଏହି ବୈଠକରେ କୁହାଯାଇଛି। ସୋମବାର ପୋଲିସ ଡିଜି ଡା.ରାଜେନ୍ଦ୍ର ପ୍ରସାଦ ଶର୍ମା କଳିଙ୍ଗ ଷ୍ଟାଡିୟମ ଯାଇ ସୁରକ୍ଷା ଓ ଅନ୍ୟାନ୍ୟ ବ୍ୟବସ୍ଥା ସମ୍ପର୍କରେ ଅନୁଧ୍ୟାନ କରିବେ ବୋଲି ଜଣାପଡ଼ିଛି। କମିଶନର କହିଛନ୍ତି, ୧୬ ଦେଶର ହକି ଟିମର ମ୍ୟାନେଜରଙ୍କୁ ନେଇ ବୈଠକ ବସିଥିଲା। ସେମାନଙ୍କୁ ସୁରକ୍ଷା ସମ୍ପର୍କରେ ଅବଗତ କରାଇଛୁ।

■ ଫେଡ୍‌କୋ ଅଫିସ ଭଙ୍ଗାରୁଜା

## ଜେଲ୍ ଗଲେ ଆଇନଜୀବୀ

**ପୁରୀ ଅଫିସ,୨୫।୧୧**

ଫେଡ୍‌କୋ ଅଫିସ୍ ଭଙ୍ଗାରୁଜା ମାମଲାରେ କୁମ୍ଭାରପଡ଼ା ପୋଲିସ ରବିବାର ଆଇନଜିବୀ ଗୋପାଳକୃଷ୍ଣ ପଣ୍ଡାଙ୍କୁ ଗିରଫ କରିଛି। ଏସ୍‌ଡିଜେଏମ୍‌ଙ୍କ କୋର୍ଟ ଜାମିନ ନାମଞ୍ଜୁର କରିବାରୁ ତାଙ୍କୁ ଜେଲ୍ ହାଜତକୁ ପଠାଇ ଦିଆଯାଇଛି। ଗୋପାଳକୃଷ୍ଣ ବିଦ୍ୟୁତ୍ ଠିକା କର୍ମଚାରୀ ସଂଘର ଆବାହକ ଥିବାବେଳେ ବିଭିନ୍ନ ସଂଗଠନ ସହ ଜଡିତ ରହିଛନ୍ତି। ପୂର୍ବରୁ କର୍ମଚାରୀଙ୍କ ସମସ୍ୟାକୁ ନେଇ ଆନ୍ଦୋଳନ କରିଛନ୍ତି। ଗତ ଅକ୍ଟୋବର ୩ରେ ପୁରୀ ହିଂସାକାଣ୍ଡ ସମୟରେ ଗୋପାଳଙ୍କ ନେତୃତ୍ୱରେ କେତେଜଣ ବ୍ୟକ୍ତି ଫେଡ୍‌କୋ ଅଫିସରେ ବ୍ୟାପକ ଭଙ୍ଗାରୁଜା କରିଥିଲେ। ଫେଡ୍‌କୋ ପକ୍ଷରୁ ଏ ନେଇ କୁମ୍ଭାରପଡ଼ା ଥାନାରେ ଅଭିଯୋଗ ହୋଇଥିଲା। ପୋଲିସ ଆଇପିସି ଦଫା ୪୨୭, ୪୫୨, ୩୪, ୨୯୪, ୫୦ ଓ ୩୪ରେ ମାମଲା ନଂ. ୨୩୨/୧୮ କରି ତଦନ୍ତ ଚଳାଇଥିଲା ବୋଲି ଥାନା ଅଧିକାରୀ ଅଭିମନ୍ୟୁ ନାୟକ କହିଛନ୍ତି। ଅନ୍ୟପକ୍ଷରେ ପୁରୀ ହିଂସାକାଣ୍ଡ ଘଟଣାରେ ତାଙ୍କ ନାମରେ ଟାଉନ ଥାନାରେ ୧୬୮ ଓ ୧୬୯/୧୮ରେ ଦୁଇଟି ମାମଲା ରହିଛି ବୋଲି ଥାନାଧିକାରୀ ଉମାଶଙ୍କର ସିଂ କହିଛନ୍ତି। ସେହିଭଳି ସିଂହଦ୍ୱାର ଥାନାରେ ମାମଲ ନଂ.୭୯, ୮୨, ୮୩ ଓ ୮୬/୧୮ରେ ୪ଟି ମାମଲା ରହିଥିବା ଥାନାଧିକାରୀ ଗୋକୁଳ ରଞ୍ଜନ ଦାଶ ସୂଚନା ଦେଇଛନ୍ତି। ତେବେ ଗିରଫ ଗୋପାଳକୃଷ୍ଣଙ୍କୁ ପୁରୀ ହିଂସା ମାମଲାରେ ରିମାଣ୍ଡରେ ନେବାକୁ ଉଭୟ ଥାନା ପକ୍ଷରୁ ଆବେଦନ କରାଯାଇଥିବା ଜଣାପଡିଛି।

## ଆଜି ୩୫ ମଡେଲ ଥାନା ଉଦ୍‌ଘାଟନ କରିବେ ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର,୨୫।୧୧(ବ୍ୟୁରୋ)**

ରାଜ୍ୟରେ ୩୫ ମଡେଲ ଥାନାକୁ ସୋମବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଉଦ୍‌ଘାଟନ କରିବେ। ଏ ନେଇ ପୋଲିସ ମୁଖ୍ୟାଳୟ ପକ୍ଷରୁ ଏକ ପ୍ରେସ୍ ବିଜ୍ଞପ୍ତି ମାଧ୍ୟମରେ ସୂଚନା ଦିଆଯାଇଛି। ଅତ୍ୟାଧୁନିକ ତଥା କର୍ପୋରେଟ କାର୍ଯ୍ୟାଳୟ ଢାଞ୍ଚାରେ ଏହି ଥାନା ନିର୍ମିତ ହୋଇଛି। ୩ମହଲା ବିଶିଷ୍ଟ କୋଠାର ତଳ ଭାଗରେ ପାର୍କିଂ ବ୍ୟବସ୍ଥା ରହିଛି। ଭିତରେ ସେଣ୍ଟ୍ରାଲ ଏସି ଏବଂ ଲିଫ୍ଟ ବ୍ୟବସ୍ଥା କରାଯାଇଛି। ଥାନାରେ ଜଣେ ଇନ୍ସପେକ୍ଟର, ୨ ଏସ୍ଆଇ, ୨ ଏଏସ୍ଆଇ, ଜଣେ ହାବିଲଦାର, ୧୦ କନଷ୍ଟେବଲ ଓ ୨୦ ହୋମଗାର୍ଡ ରହିବେ। ଥାନାକୁ ଦୁଇଟି ଭ୍ୟାନ ଯୋଗାଇ ଦିଆଯିବ।

## ପୂର୍ବତଟ ରେଳପଥ ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ ମ୍ୟାଚ୍



**ଭୁବନେଶ୍ୱର,୨୫।୧୧**

ପୂର୍ବତଟ ରେଳପଥ କ୍ରୀଡା ସଂଘ ପକ୍ଷରୁ ଚନ୍ଦ୍ରଶେଖରପୁର ରେଲୱେ ଷ୍ଟାଡିୟମଠାରେ ଏକ ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ ମ୍ୟାଚ୍ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଏମ୍-୧୧ ଦଳକୁ ୩ ରନରେ ହରାଇ ଏଜିଏମ୍ ୧୧ ଚାମ୍ପିୟନ ହୋଇଛି। ଶିଶିର କୁମାର କଶ୍ୟପ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ହୋଇଥିବା ବେଳେ ରାଧାରମଣ ପଣ୍ଡା ବେଷ୍ଟ ବୋଲର, ମହେଶ ରେଡିଙ୍କୁ ବେଷ୍ଟ ବ୍ୟାଟ୍ସ ମ୍ୟାନ ଘୋଷଣା କରାଯାଇଥିଲା। ପୂର୍ବତଟ ରେଳପଥ ମହାପ୍ରବନ୍ଧକ ଉମେଶ ସିଂ ବିଜୟୀ ଦଳ ଏବଂ ରନର୍ସ ଅପ୍ ଦଳକୁ ସିଲ୍‌ଡ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ଅତିରିକ୍ତ ମହାପ୍ରବନ୍ଧକ ରାଜୀବ ଶର୍ମା, ପ୍ରମୁଖ ମୁଖ୍ୟ ବାଣିଜ୍ୟ ପ୍ରବନ୍ଧକ ଅଜୟ କୁମାର ବେହେରା, ଉପମହାପ୍ରବନ୍ଧକ ଅଶୋକ କୁମାର ମିଶ୍ର ଏବଂ ଉପସଚିବ ପ୍ରଫୁଲ୍ଲ କୁମାର ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

## କେଦାରଗୌରୀ ବିହାର ସୁରକ୍ଷା ପରିଷଦ ସଭାପତିଙ୍କ ପରଲୋକ

**ପୁରୁଣା ଭୁବନେଶ୍ୱର,୨୫।୧୧(ଡି.ଏନ.ଏ.)**

କେଦାରଗୌରୀ ବିହାର ସୁରକ୍ଷା ପରିଷଦ ସଭାପତି ବିପିନ ବିହାରୀ ମହାନ୍ତି (୮୦)ଙ୍କର ଏକ ଘରୋଇ ହସ୍ପିଟାଲରେ ପରଲୋକ ଘଟିଛି। ସେ ଗତ କିଛିଦିନ ଧରି ଅସୁସ୍ଥ ଥିଲେ। ତାଙ୍କୁ ଚିକିତ୍ସାଳୟରେ ରଖାଯାଇଥିଲା। ସେ ଗୁରୁବାର ଘରକୁ ଫେରିଥିଲେ। ପୁନର୍ବାର ତାଙ୍କ ଶରୀର ଅସୁସ୍ଥ ହୋଇ ପଡିଥିଲା। ତାଙ୍କୁ ସ୍ଥାନୀୟ ହସ୍ପିଟାଲକୁ ନିଆଯାଇଥିଲା। ହୃଦ୍‌ଘାତରେ ତାଙ୍କର ମୃତ୍ୟୁ ଘଟିଥିବା ଡାକ୍ତର ଘୋଷଣା କରିଥିଲେ। ସ୍ୱର୍ଗଦ୍ୱାରରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା। ପୁଅ ଚିତ୍ତରଞ୍ଜନ ମହାନ୍ତି ମୁଖାଗ୍ନି ଦେଇଥିଲେ। ସ୍ୱର୍ଗତ ମହାନ୍ତି ପୋଲିସ କମିଶନର ସତ୍ୟଜିତ୍ ମହାନ୍ତିଙ୍କ ଦାଦା ଅଟନ୍ତି।



ଭୁବନେଶ୍ୱର ଝାରପଡ଼ାଠାରେ ଶ୍ରୀ ଶ୍ରୀ ସ୍ୱପ୍ନେଶ୍ୱରଦେବ ସ୍ୱେଚ୍ଛାସେବୀ ସଂଗଠନ ପକ୍ଷରୁ ଅନୁଷ୍ଠିତ କାର୍ତ୍ତିକେଶ୍ୱର ପୂଜା।

# ହକି ସମର୍ଥନରେ ମିନି ମାରାଥନ

**ବାଲିଅନ୍ତା, ୨୫।୧୧(ଡି.ଏନ୍.ଏ.)**

ହକି ବିଶ୍ୱକପ ସମର୍ଥନରେ ବାଲିଅନ୍ତା ବ୍ଲକର ବିଭିନ୍ନ ପଞ୍ଚାୟତରେ ଗଠିତ ବିଜୁ ଯୁବବାହିନୀ ପକ୍ଷରୁ ରବିବାର ମିନି ମାରାଥନ ଅନୁଷ୍ଠିତ ହୋଇଯାଇଛି। ବିଏମ୍‌ସିର ୪ନଂ ୱାର୍ଡ ବିଜୁ ଯୁବବାହିନୀ ପକ୍ଷରୁ ପାହାଲ ଶ୍ରୀଜଗନ୍ନାଥ ମନ୍ଦିର ନିକଟରେ ମିନି ମାରାଥନ ଆୟୋଜିତ ହୋଇଥିଲା। କର୍ପୋରେଟର ଗାୟତ୍ରୀ ଲେଙ୍କା ଅତିଥି ଭାବେ ଯୋଗଦେଇ ପତାକା ଦେଖାଇ ମାରାଥନର ଶୁଭାରମ୍ଭ କରିଥିଲେ। ଏଥିରେ ବିଜୁ ଯୁବବାହିନୀର ୫୦ରୁ ଊର୍ଦ୍ଧ୍ୱ କର୍ମୀ ଯୋଗଦେଇ ପାହାଲଠାରୁ ହଂସପାଳ ଛକ ପର୍ଯ୍ୟନ୍ତ ଦୌଡ଼ିଥିଲେ।




ପାହାଲ ଶ୍ରୀଜଗନ୍ନାଥ ମନ୍ଦିର ନିକଟରେ ଆୟୋଜିତ ମିନି ମାରାଥନ।

ପ୍ରାଚୁର୍ଯ୍ୟରେ ଥିଲାବେଳେ ହିଁ ଜଣାପଡ଼ିବ ଲୋକଟି କିଭଳି ଖରାପ।
- ଜନ୍ କାସ୍‌ପର୍ ଲାଭାଟର



## ସଂକ୍ଷେପରେ

### ବିଦ୍ୟୁତ୍ ଖୁଣ୍ଟ ପଡ଼ି ଲାଇନ୍‌ମ୍ୟାନ ମୃତ

**ବଡ଼ମ୍ବା,୨୫।୧୧(ଡି.ଏନ.ଏ.):** ଉପୁଡ଼ି ପଡ଼ିଥିବା ଏକ ବିଦ୍ୟୁତ୍ ଖୁଣ୍ଟକୁ ସଳଖ କରାଯିବାବେଳେ ଘଟିଛି ଅଘଟଣ। ଅସାବଧାନତା ବଶତଃ ଖୁଣ୍ଟଟି ପଡ଼ିଯିବାରୁ ଜଣେ ଲାଇନ୍‌ମ୍ୟାନଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ବଡ଼ମ୍ବା ଥାନା ଅନ୍ତର୍ଗତ ଗୋପୀନାଥପୁରର ପ୍ରଫୁଲ୍ଲ ବାରିକ(୫୨)। ସେ ଘଟଣାସ୍ଥଳରେ ଗୁରୁତର ହୋଇଥିଲେ। ତାଙ୍କୁ ଉଦ୍ଧାର କରାଯାଇ ପ୍ରଥମେ ବଡ଼ମ୍ବା ଓ ପରେ ଆଠଗଡ଼ ଡାକ୍ତରଖାନାକୁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସୂଚନା ଅନୁସାରେ, ରବିବାର ବଡ଼ମ୍ବା ଅଞ୍ଚଳରେ ସାର୍ବଜନିନ ମରାମତି ନିମନ୍ତେ ସକାଳ ୭ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ବିଦ୍ୟୁତ୍ କାଟ୍ ହୋଇଥିଲା। ଏହି ସମୟରେ ବିଦ୍ୟୁତ୍ ସଂଯୋଗ ଏବଂ ରକ୍ଷଣାବେକ୍ଷଣ ଦାୟିତ୍ୱରେ ଥିବା ଆରୟୁପିଏଲ କର୍ମଚାରୀ ଗୋପୀନାଥପୁରରେ ଉପୁଡ଼ି ପଡ଼ିଥିବା ଏକ ଏଲଟି ବିଦ୍ୟୁତ୍ ଖୁଣ୍ଟକୁ ସଳଖ କରୁଥିଲେ। ପ୍ରଫୁଲ୍ଲ ଏଠାରେ କାମ କରୁଥିବାବେଳେ ତାଙ୍କ ଉପରେ ଖୁଣ୍ଟ ପଡ଼ି ଯାଇଥିଲା। ଖବରପାଇ ବଡ଼ମ୍ବା ବିଧାୟକ ଦେବୀପ୍ରସାଦ ମିଶ୍ର ଡାକ୍ତରଖାନାରେ ପହଞ୍ଚି ମୃତକଙ୍କ ପରିବାରକୁ ସମବେଦନା ଜଣାଇଥିଲେ।

### ଶକ୍ତି ସଂରକ୍ଷଣ ସମ୍ପର୍କିତ ବକ୍ତୃତା ପ୍ରତିଯୋଗିତା

**ନରସିଂହପୁର,୨୫।୧୧(ସ୍ୱ.ପ୍ର.):** ନରସିଂହପୁର ବ୍ଲକ ଅଧୀନ ଅନନ୍ତ ନାରାୟଣ ହାଇସ୍କୁଲରେ ରବିବାର ଏନସିସି ଦିବସ ପାଳିତ ହୋଇଛି। ଏନସିସି କ୍ୟାଡେଟ୍ ସେକେଣ୍ଡ ଅଫିସର ରଜନିକାନ୍ତ ମିଶ୍ରଙ୍କ ତତ୍ତ୍ୱାବଧାନରେ ୫୦ ଏନସିସି ଛାତ୍ର ପ୍ଲାଷ୍ଟିକ୍ ବର୍ଜନ, ଏଡସ୍ ନିୟନ୍ତ୍ରଣ, ତମାଖୁ ବର୍ଜନ, ପରିବେଶ ସୁରକ୍ଷା ସମ୍ପର୍କିତ ପ୍ଲା କାର୍ଡ ଧରି ସହର ପରିକ୍ରମା କରିଥିଲେ। ଏହାପରେ ଶକ୍ତି ସଂରକ୍ଷଣ ଉପରେ ହାଇସ୍କୁଲସ୍ତରୀୟ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ କୃତିତ୍ୱ ହାସଲ କରିଥିବ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ପ୍ରଧାନଶିକ୍ଷୟିତ୍ରୀ କୁନ୍ତଳତା ପ୍ରଧାନଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ଶିକ୍ଷକ ପ୍ରତାପ ଚନ୍ଦ୍ର ପଣ୍ଡା, ଭିକ୍ଷାକାରୀ ଦଲେଇ, ଶରତ ଚନ୍ଦ୍ର ସାହୁ ପ୍ରମୁଖ ପରିଚାଳନା କରିଥିଲେ।

### ବୈଷ୍ଣବ ପାଣିଙ୍କ ପୂର୍ଣ୍ଣାଙ୍ଗ ପ୍ରତିମୂର୍ତ୍ତି ଅନାବରଣ



**ମାହାଙ୍ଗା,୨୫।୧୧(ସ୍ୱ.ପ୍ର.):** ମାହାଙ୍ଗା ବ୍ଲକ ଅନ୍ତର୍ଗତ ଗଣକବି ବୈଷ୍ଣବ ପାଣିଙ୍କ ଜନ୍ମପୀଠ କୋଠପଦାଠାରେ କବିଙ୍କ ଏକ ପୂର୍ଣ୍ଣ ବୟବ ବ୍ରୋଞ୍ଜ ମୂର୍ତ୍ତି ଶନିବାର ଅନାବରଣ କରାଯାଇଛି। ରାଜ୍ୟପାଳ ଗଣେଷୀ ଲାଲ ଏହାର ଅନାବରଣ କରିବା ସହ କୋଠପଦା ବଜାରର ଉଜ୍ଜ୍ୱଳ ଆଲୋକୀକରଣ ବ୍ୟବସ୍ଥାକୁ ଉଦ୍‌ଘାଟନ କରିଥିଲେ। ଏହି ମୂର୍ତ୍ତି ସାଢ଼େ ୧୦ ଫୁଟ ଉଚତା। ସ୍ୱାସ୍ଥ୍ୟମନ୍ତ୍ରୀ ପ୍ରତାପ ଜେନା, ବ୍ଲକ ଅଧକ୍ଷ ଶରତ ଚନ୍ଦ୍ର ନାୟକ, ରାଜକିଶୋର ଜେନା ଓ ଭିକାରୀ ଚରଣ ସ୍ୱାଇଁଙ୍କ ସମେତ ବହୁ ସାହିତ୍ୟିକ ଏବଂ ବୁଦ୍ଧିଜୀବୀ ଉପସ୍ଥିତ ଥିଲେ।

### ଶକ୍ତି ସଂରକ୍ଷଣ କୁଇଜ୍ ପ୍ରତିଯୋଗିତା

**ବାଙ୍କୀ,୨୫।୧୧(ସ୍ୱ.ପ୍ର.):** ବରେନ୍ଦ୍ର କୃଷ୍ଣ ବିଦ୍ୟାପୀଠରେ ବିଶ୍ୱ ଶକ୍ତି ସଂରକ୍ଷଣ ଦିବସ ଉପଲକ୍ଷେ ମଣ୍ଡଳସ୍ତରୀୟ କୁଇଜ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି। ଏଥିରେ ବାଙ୍କୀ ଡମପଡ଼ା ବ୍ଲକର ୧୦୫ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ତ୍ରିଲୋଚନ ଜେନାଙ୍କ ପରିଚାଳନାରେ ଅନୁଷ୍ଠିତ ପ୍ରତିଯୋଗିତାରେ ଶିକ୍ଷକ କାହ୍ନୁଚରଣ ସାହୁ, ଗୋବିନ୍ଦ ଚନ୍ଦ୍ର ତ୍ରିପାଠୀ, ଶିକ୍ଷୟିତ୍ରୀ ମଞ୍ଜୁଲତା ସୁବୁଦ୍ଧି ଓ ଚିତ୍ରରେଖା ମିଶ୍ର ନିରୀକ୍ଷକ ଦାୟିତ୍ୱ ତୁଲାଇଥିଲେ। ପ୍ରତିଯୋଗିତାରେ ଅରାଚଣ୍ଡୀ ଉଚ୍ଚବିଦ୍ୟାଳୟର ଛାତ୍ର ରତିକାନ୍ତ ପରିଡା ୧ମ, କୁସୁପଙ୍ଗି ଉଚ୍ଚ ବିଦ୍ୟାଳୟର ସଞ୍ଜୟ କୁମାର ବେଉରା ୨ୟ ଓ ସୁପ୍ରିୟା ସ୍ୱାଇଁ ୩ୟ ହୋଇ ପୁରସ୍କୃତ ହୋଇଥିଲେ।

■ ସାହାଯ୍ୟ କରିବାକୁ ଯାଇ ଜୀବନ ହାରିଲେ ନିତ୍ୟାନନ୍ଦ

# ଏବେ ସହାୟତା ଅପେକ୍ଷାରେ ପରିବାର

**ନିଶ୍ଚିନ୍ତକୋଇଲି,୨୫।୧୧(ସ୍ୱ.ପ୍ର.)**



ବ୍ଲକ ଅଧକ୍ଷାଙ୍କ ପ୍ରତିନିଧି ଅଶୋକ ଓଝା, ସାମାଜିକ କର୍ମୀ ମୃତ୍ୟୁଞ୍ଜୟ ସ୍ୱାଇଁ ଓ ଅନ୍ୟମାନେ ମୃତ ନିତ୍ୟାନନ୍ଦଙ୍କ ବାପାଙ୍କୁ ସହାୟତା ପ୍ରଦାନ କରୁଛନ୍ତି।

**କଟିକଟା ଗୁଳିକାଣ୍ଡ ଘଟଣା**

- ■ଗାଡ଼ି ଚଳାଇ ପରିବାର ଚଳାଉଥିଲେ
- ■ହରିଶ୍ଚନ୍ଦ୍ର ଯୋଜନାରେ ମିଳିଛି ଦୁଇ ହଜାର ଟଙ୍କା

ନିଶ୍ଚିନ୍ତକୋଇଲି ବ୍ଲକ ଅଧୀନ କଟିକଟାଠାରେ ହୋଇଥିବା ଗୁଳିକାଣ୍ଡ ଘଟଣାରେ ଶୁକରପଡ଼ା ପଞ୍ଚାୟତ ବନମାଳୀପୁର ଗ୍ରାମର ନିତ୍ୟାନନ୍ଦ ମଳିକଙ୍କ ମୃତ୍ୟୁ ଘଟିଥିଲା। ନିତ୍ୟାନନ୍ଦ ପରିବାରର ଏକମାତ୍ର ରୋଜଗାରିଆ ହୋଇଥିବାରୁ ତାଙ୍କ ମୃତ୍ୟୁ ପରେ କିପରି ପରିବାର ଚଳିବ ତାକୁନେଇ ଏବେ ସମସ୍ତେ ଚିନ୍ତାରେ। ନିତ୍ୟାନନ୍ଦଙ୍କ ସ୍ତ୍ରୀ କହିଛନ୍ତି, ଏବେ ଆମେ ସହାୟତା ଅପେକ୍ଷାରେ ରହିଛୁ। ବିଭିନ୍ନ ସଂଗଠନ ଓ କେତେଜଣ ରାଜନେତା ଆସି ସମବେଦନା ଜଣାଇବା ସହ କିଛି ସହାୟତା କରୁଛନ୍ତି। ଯଦି ସରକାରଙ୍କ ପକ୍ଷରୁ ଆମକୁ ସହାୟତା ଯୋଗାଇ ଦିଆଯାଆନ୍ତା ତେବେ ଆମେ ଚଳିଯାଆନ୍ତୁ। ନିତ୍ୟାନନ୍ଦଙ୍କ ଉପରେ ବୃଦ୍ଧ ପିତାମାତା ଓ ବିଧବା ଭଉଣୀଙ୍କ ବୋଝ ଥିଲା। ସେ ଏକ ଗରିବ ପରିବାରରେ ଜନ୍ମ ହୋଇଥିବାରୁ ଗାଡି ଚଳାଇ ୫ ପ୍ରାଣୀ କୁଟୁମ୍ବ ଚଳାନ୍ତି। ନିକଟରେ ତାଙ୍କ ପୁଅର ମୃତ୍ୟୁ ଘଟିଥିଲା। ପୁଅକୁ ହରାଇ ନିତ୍ୟାନନ୍ଦଙ୍କ ସ୍ତ୍ରୀ ଦୁଃଖରେ ଜୀବନ କାଟୁଥିବା ବେଳେ ଏବେ ନିତ୍ୟାନନ୍ଦଙ୍କ ମୃତ୍ୟୁ ପରିବାର ପାଇଁ ଦାରୁଣ ଦୁଃଖ ଆଣି ଦେଇଛି। ରୋଜଗାରିଆ ପୁଅକୁ ହରାଇ ମା'ବାପା ଓ ବିଧବା ଭଉଣୀ ବୁକୁ ଫଟାଇ କାନ୍ଦୁଛନ୍ତି। ଏହି ସମୟରେ ବିଭିନ୍ନ ମହଲରୁ ନିତ୍ୟାନନ୍ଦଙ୍କ ପରିବାରକୁ ସମବେଦନା ଓ ସହାୟତାର ସୁଅ ଛୁଟିଛି। ସରପଞ୍ଚ ବାସନ୍ତୀ ସ୍ୱାଇଁ ହରିଶ୍ଚନ୍ଦ୍ର ଯୋଜନାରେ ୨ ହଜାର ଟଙ୍କା ଦେଇଛନ୍ତି। ସାମାଜିକ କର୍ମୀ ମୃତ୍ୟୁଞ୍ଜୟ ସ୍ୱାଇଁ କିଛି ଖାଦ୍ୟ ସାମଗ୍ରୀ ପ୍ରଦାନ କରିଛନ୍ତି। ସରପଞ୍ଚ ସ୍ୱାଇଁ ଭତ୍ତା ଓ ସରକାରୀ ସହାୟତା ଯୋଗାଇ ଦେବାପାଇଁ ପ୍ରତିଶ୍ରୁତି ଦେଇଛନ୍ତି। ପିସିସି ସମ୍ପାଦକ ପ୍ରଦୀପ୍ତ ଦାସ ୫ହଜାର ଟଙ୍କା ସହାୟତା କରିଛନ୍ତି। ବରିଷ୍ଠ ନେତା କ୍ଷୀରୋଦ ସାମନ୍ତରାୟ, ବ୍ଲକ କଂଗ୍ରେସ ସଭାପତି ଦିଲୀପ ରାଉତ ନିତ୍ୟାନନ୍ଦଙ୍କ ପରିବାରକୁ ଭେଟି ସମବେଦନା ଜଣାଇଛନ୍ତି। ସ୍ୱାସ୍ଥ୍ୟମନ୍ତ୍ରୀ ପ୍ରତାପ ଜେନା ସମବେଦନା ଜଣାଇବା ସହ ୫ ହଜାର ଟଙ୍କା ପ୍ରଦାନ କରିଛନ୍ତି। ବ୍ଲକ ଅଧକ୍ଷାଙ୍କ ପ୍ରତିନିଧି ଅଶୋକ ଓଝା, ସମିତିସଭ୍ୟ ମହମ୍ମଦ କଲାମ ଶୋକ ସନ୍ତପ୍ତ ପରିବାରକୁ ଭେଟି ସମବେଦନା ଜଣାଇଛନ୍ତି। ପ୍ରଶାସନ ଏ ଦିଗରେ ଦୃଷ୍ଟି ଦେବାକୁ ଗ୍ରାମବାସୀ ନିବେଦନ କରିଛନ୍ତି। ସୂଚନାଯୋଗ୍ୟ, ଗତ ବୁଧବାର ରାତିରେ କଟିକଟାଠାରେ ଜଣେ ଯୁବକଙ୍କୁ ଗୁଳିମାଡ଼ ହୋଇଥିଲା। ସେଠାରେ ସାଇକେଲ ଷ୍ଟାଣ୍ଡ କରିଥିବା ନିତ୍ୟାନନ୍ଦ ସମ୍ପୃକ୍ତ ଯୁବକଙ୍କୁ ସାହାଯ୍ୟ କରିବାକୁ ଯାଇଥିଲେ। ଏତିକି ବେଳେ ଦୁର୍ବୃତ୍ତ ନିତ୍ୟାନଦଙ୍କୁ ଗୁଳି କରିଥିଲେ। ଫଳରେ ସେ ଘଟଣାସ୍ଥଳରେ ଗୁରୁତର ହୋଇଥିଲେ। ତାଙ୍କୁ ପ୍ରଥମେ ସ୍ଥାନୀୟ ଡାକ୍ତରଖାନା ଓ ପରେ କଟକ ବଡ଼ ମେଡିକାଲକୁ ନିଆଯାଇଥିଲା। ସେଠାରେ ଗୁରୁବାର ତାଙ୍କର ମୃତ୍ୟୁ ଘଟିଥିଲା।

# କାର୍ତ୍ତିକେଶ୍ୱର ଭସାଣି ବେଳେ ଗଣ୍ଡଗୋଳ

**କଟକ ଅଫିସ୍,୨୫।୧୧**

ରବିବାର କାର୍ତ୍ତିକେଶ୍ୱର ଭସାଣି ବେଳେ ଦୁଇ ଗୋଷ୍ଠୀଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇଛି। ଏଥିରେ ଉଭୟ ପକ୍ଷରୁ ଢେଲା, ପଥର ମାଡ କରାଯାଇଥିବା ବେଳେ ୪ ଜଣ ବ୍ୟକ୍ତି ଆହତ ହୋଇଛନ୍ତି। ଏ ନେଇ ଉଭୟ ପକ୍ଷରୁ ଲାଲବାଗ୍ ଥାନାରେ ଅଭିଯୋଗ ହୋଇଛି। ଏହି ଘଟଣାରେ ପୋଲିସ ଦୁଇ ଜଣଙ୍କୁ ଅଟକ ରଖି ତଦନ୍ତ ଚଳାଇଛି। ମିଳିଥିବା ସୂଚନା ଅନୁଯାୟୀ, ରବିବାର ଅପରାହ୍ଣ ପ୍ରାୟ ୩ଟାରେ ମହୀଦାସ ବଜାର କାର୍ତ୍ତିକେଶ୍ୱର ମେଢ ଭସାଣି ଶୋଭାଯାତ୍ରାରେ କାଜି ବଜାର ଦେଇ ଯାଉଥିଲା। ଏହି ସମୟରେ ଦୁଇ ବ୍ୟକ୍ତିଙ୍କ ମଧ୍ୟରେ ବ୍ୟକ୍ତିଗତ ଶତ୍ରୁତାକୁ ନେଇ ପ୍ରଥମେ ଗଣ୍ଡଗୋଳ ହୋଇଥିଲା। ପରେ ଏଥିରେ ସାମିଲ ହୋଇଥିଲେ କାଜି ବଜାର ଏବଂ ମହୀଦାସ ବଜାର ଗୋଷ୍ଠୀ। ଫଳରେ ଉଭୟ ପକ୍ଷ ମୁହାଁମୁହିଁ ହୋଇଥିଲେ। ଉଭୟ ପକ୍ଷରୁ ଢେଲା, ପଥର ମାଡ କରାଯାଉଥିଲା। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ବୁଝାଶୁଝା କରିବା ପରେ ପରିସ୍ଥିତି ଶାନ୍ତ ପଡିଥିଲା।



ଗଣ୍ଡଗୋଳ ପରେ ଉପସ୍ଥିତ ପୋଲିସ୍।

# ବାଙ୍କୀରେ ଏନ୍‌ସିସି ଦିବସ



ଏନ୍‌ସିସି ଦିବସ ଉପଲକ୍ଷେ ଆୟୋଜିତ ପରେଡ୍।

**ବାଙ୍କୀ,୨୫।୧୧(ସ୍ୱ.ପ୍ର.)**

ବାଙ୍କୀ କଲେଜ ପରିସରରେ ରବିବାର ଏନସିସି ଦିବସ ପାଳିତ ହୋଇଯାଇଛି। କଲେଜ ଅଧକ୍ଷ ଡ. ବାବାଜୀ ଚରଣ ଶତପଥୀ ମୁଖ୍ୟ ଅତିଥିଭାବେ ଯୋଗଦେଇ ଏନ୍‌ସିସି ପତାକା ଉତ୍ତୋଳନ କରିଥିଲେ। କଲେଜ ବାଳିକା ଓ ବାଳକ ଏନସିସି ଏବଂ ସରକାରୀ ବାଳିକା ଉଚ୍ଚବିଦ୍ୟାଳୟ ଏନସିସି ଏଥିରେ ସାମିଲ ହୋଇଥିଲେ। କଲେଜ ବାଳିକା ବିଭାଗ ମୁଖ୍ୟ ଲେଫ୍ଟନାଣ୍ଟ ସନ୍ଧ୍ୟାରାଣୀ ମହାନ୍ତି ଓ ବାଳିକା ଉଚ୍ଚବିଦ୍ୟାଳୟ ଅଫିସର ଜୟନ୍ତୀ ଗୋଚ୍ଛିଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବିଭିନ୍ନ ପ୍ରତିଯୋଗିତା ଏବଂ ପାରାସେଲିଂ କାର୍ଯ୍ୟକ୍ରମରେ କୃତକାର୍ଯ୍ୟ ହୋଇଥିବା କ୍ୟାଡେଟଙ୍କୁ ପୁରସ୍କୃତ କରାଯାଇଥିଲା। ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ସେହିପରି ବାଙ୍କୀ ବରେନ୍ଦ୍ର କୃଷ୍ଣ ବିଦ୍ୟାପୀଠରେ ଏନ୍‌ସିସି ଦିବସ ପାଳିତ ହୋଇଛି। ଏଥିରେ ବିଦ୍ୟାପୀଠ ଭାରପ୍ରାପ୍ତ ପ୍ରଧାନଶିକ୍ଷକ ତ୍ରିଲୋଚନ ଜେନା ଯୋଗଦେଇ ଏନ୍‌ସିସି ପତାକା ଉତ୍ତୋଳନ କରିଥିଲେ। ବାଙ୍କୀ ପ୍ରେସ୍ କ୍ଲବ ସଭାପତି ବଳଭଦ୍ର ପଣ୍ଡା ମୁଖ୍ୟଅତିଥି ଓ ପ୍ରାବନ୍ଧିକ ଜ୍ଞାନେନ୍ଦ୍ର ମୋହନ ମିଶ୍ର ସମ୍ମାନିତ ଅତିଥିଭାବେ ଯୋଗଦେଇ କ୍ୟାଡେଟ୍‌ମାନଙ୍କୁ ସେମାନଙ୍କ କର୍ତ୍ତବ୍ୟ ସମ୍ପର୍କରେ ବୁଝାଇଥିଲେ।

# ଶଙ୍ଖାମେରୀରେ ସ୍ୱାସ୍ଥ୍ୟ ଶିବିର

**ବଡ଼ମ୍ବା,୨୫।୧୧(ଡି.ଏନ୍.ଏ.)**

ବଡ଼ମ୍ବା ବ୍ଲକ ଶଙ୍ଖାମେରୀ ଗ୍ରାମରେ ରବିବାର ଏକ ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଛି। ସ୍ୱେଚ୍ଛାସେବୀ ସଂଗଠନ ଏଜ୍ କେୟାର ଆସୋସିଏଶନ ସଭାପତି ତଥା ପୂର୍ବତନ ମୁଖ୍ୟ ଶାସନସଚିବ ସହଦେବ ସାହୁଙ୍କ ନେତୃତ୍ୱରେ ଏକ ପ୍ରତିନିଧିଦଳ ଲୋକଙ୍କ ଚିକିତ୍ସା କରାଇଥିଲେ। ବରିଷ୍ଠ ସାମ୍ବାଦିକ ଶରତ ଚନ୍ଦ୍ର ମିଶ୍ର, ବିଜୟ କୁମାର ମହାନ୍ତି, ଚିତ୍ତରଞ୍ଜନ ଦାସ, ଜି.ସି. ନାୟକ, ଜମେଶ୍ୱର ମିଶ୍ର, ଗାନ୍ଧୀ ଚୌଧୁରୀ, ରବି ନାରାୟଣ କର, ପିକେ ପଟ୍ଟନାୟକ, ପୂର୍ଣ୍ଣଚନ୍ଦ୍ର ମହାରଣା, ଅଲେଖ ଚନ୍ଦ୍ର ଦାସ, ଶରତ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଶିବିରରେ ୩୫୦ ଜଣଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ଔଷଧ ଦିଆଯାଇଥିଲା। ସ୍ୱପ୍ନେଶ୍ୱର ଦେବ ବରିଷ୍ଠ ନାଗରିକ ମଞ୍ଚ ସଭାପତି ପୂର୍ଣ୍ଣଚନ୍ଦ୍ର ମିଶ୍ର, ସମ୍ପାଦକ ଦୁର୍ଗାପ୍ରସାଦ ପଟ୍ଟନାୟକ, ସଂଗଠକ ମାୟାଧର ରାଉତ, କୋଷାଧକ୍ଷ ତ୍ରିଲୋଚନ ମହାରଣା, ଉପଦେଷ୍ଟା ପରମାନନ୍ଦ ସେଠୀ, ଇନ୍ଦ୍ରମଣି ମହାନ୍ତି ପ୍ରମୁଖ ପରିଚାଳନା କରିଥିଲେ।

■ ନରସିଂହପୁର ଛାଡ଼ଖାଇ ଉତ୍ସବର ଦ୍ୱିତୀୟ ସନ୍ଧ୍ୟା

# ସାଂସ୍କୃତିକ କାର୍ଯ୍ୟକ୍ରମରେ ଝୁମିଲେ ଦର୍ଶକ



ବଲାଙ୍ଗୀର ଢୋଲ ମହୁରୀ ନାଟ୍ୟ ଅନୁଷ୍ଠାନର କଳାକାରମାନେ ଲୋକନୃତ୍ୟ ପରିବେଷଣ କରୁଛନ୍ତି।

**ନରସିଂହପୁର,୨୫।୧୧(ଡି.ଏନ.ଏ)**

ନରସିଂହପୁର ଛାଡ଼ଖାଇ ଉତ୍ସବର ଦ୍ୱିତୀୟ ସନ୍ଧ୍ୟା ରବିବାର ଅନୁଷ୍ଠିତ ହୋଇଛି। ଏହି ସନ୍ଧ୍ୟାର ସାଂସ୍କୃତିକ ମଞ୍ଚରେ ବଲାଙ୍ଗୀରରୁ ଆସିଥିବା ଢୋଲ ମହୁରୀ ନାଟ୍ୟ ଅନୁଷ୍ଠାନର କଳାକାରମାନେ ଲୋକନୃତ୍ୟରେ ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିଥିଲେ। ଭୁବନେଶ୍ୱରର ଶିଳ୍ପିକା ଅନୁଷ୍ଠାନର ନୃତ୍ୟ ଶିଳ୍ପୀମାନେ ସେମାନଙ୍କ କଳା ନୈପୁଣ୍ୟ ପଦର୍ଶନ କରି ଦର୍ଶକଙ୍କ ମନ ମୋହିଥିଲେ। ସୁରତରଙ୍ଗ ମେଲୋଡି ବିଳମ୍ବିତ ରାତ୍ରି ପର୍ଯ୍ୟନ୍ତ ଦର୍ଶକଙ୍କୁ ବାନ୍ଧି ରଖିଥିଲା। କାର୍ଯ୍ୟକ୍ରମରେ ବ୍ଲକ ଉପାଧକ୍ଷା ସୁନିତା ସ୍ୱାଇଁ, ଦୁର୍ଗାପ୍ରସାଦ ମିଶ୍ର, ପ୍ରଫେସର କୁଳମଣି ବାରିକ ଯୋଗଦାନ କରିଥିଲେ। ବ୍ଲକ ଅଧକ୍ଷ କିଶୋର ଚନ୍ଦ୍ର ମିଶ୍ର, ନାରାୟଣ ନାୟକ, ମେଘନାଦ ପାତ୍ର, ନିଳମଣି ସାହୁ ସହଯୋଗ କରିଥିଲେ। ଆଇନଜିବୀ ଦେବଦତ୍ତ ମଳୟ କୁମାର ବରାଳ ସଂଯୋଜନା କରିଥିଲେ। ଶେଷରେ ଥାନା ଅଧିକାରୀ ନିହାର ରଞ୍ଜନ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

# ହକି ବିଶ୍ୱ କପ୍ ପାଇଁ ଗଣଦୌଡ଼

**ଆଠଗଡ଼/ବାଙ୍କୀ/ଟିଗିରିଆ/ବଡ଼ମ୍ବା, ୨୫।୧୧(ସ୍ୱ.ପ୍ର./ଡି.ଏନ.ଏ.)**

ପୁରୁଷ ହକି ବିଶ୍ୱ କପ୍ ପାଇଁ ବିଭିନ୍ନ ସ୍ଥାନରେ ବିଜୁ ଯୁବ ବାହିନୀ ପକ୍ଷରୁ ଗଣଦୌଡ଼ ଅନୁଷ୍ଠିତ ହୋଇଛି। ଆଗଠଡ଼ ବେଣ୍ଟପଦା ଓ ରାଧାକୃଷ୍ଣପୁର ଅଞ୍ଚଳରେ ଏହି କାର୍ଯ୍ୟକ୍ରମ କରାଯାଇଛି। ସରପଞ୍ଚ କନକ ସାହୁ ମୁଖ୍ୟଅତିଥି, ସମିତିସଭ୍ୟା ରଜନୀ ଓଝା ସମ୍ମାନିତ ଅତିଥି, ବଳଭଦ୍ର ବାଘ, ଶିକ୍ଷାବିତ୍ ବିଜୟ ମହାନ୍ତି ଓ ଚୈତନ୍ୟ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ରାଧାକୃଷ୍ଣପୁର ପଞ୍ଚାୟତ ବିଜୁ ଯୁବ ବାହିନୀ ପକ୍ଷରୁ ରାହାଙ୍ଗୋଳସ୍ଥିତ ରାଜ୍ୟ ଅନୁସୂଚିତ ଜାତି ଓ ଉପଜାତି ବିଭାଗର ଆଶ୍ରମ ବିଦ୍ୟାଳୟ ପରିସରରେ ଗଣଦୌଡ ଅନୁଷ୍ଠିତ ହୋଇଛି। ପ୍ରଧାନଶିକ୍ଷୟିତ୍ରୀ ବ୍ରଜରାଣୀ ମିଶ୍ର ମୁଖ୍ୟଅତିଥିଭାବେ ଯୋଗ ଦେଇଥିଲେ। ବାଙ୍କୀ ଡମପଡ଼ା ବ୍ଲକ ଦୁର୍ଗାପୁର ପଞ୍ଚାୟତରେ ବିଜୁ ଯୁବବାହିନୀ ସଭାପତି ସରୋଜ ମହାପାତ୍ରଙ୍କ ନେତୃତ୍ୱରେ ଗଣଦୌଡ଼ ହୋଇଥିଲା। ମୁଖ୍ୟ ଅତିଥିଭାବେ ସମରେନ୍ଦ୍ର ମହାପାତ୍ର, ମୁଖ୍ୟବକ୍ତା ଭାବେ ସରପଞ୍ଚ ଅଦ୍ୱୈତ ମହାପାତ୍ର, ସମ୍ମାନିତ ଅତିଥି ସଦାନନ୍ଦ ବରାଳ, କଳ୍ପନା ସେଠୀ, ମାନସ ମହାପାତ୍ର, ପବିତ୍ର ମୋହନ ପଟ୍ଟନାୟକ ଓ ରଞ୍ଜିତ ଦାସ ଯୋଗଦେଇଥିଲେ। ସେହିପରି ଟିଗିରିଆ ବ୍ଲକ ଗଦାଧରପୁର ପଞ୍ଚାୟତରେ ହେମନ୍ତ ସ୍ୱାଇଁ ମୁଖ୍ୟଅତିଥି, ହାଟମାଳରେ ଶ୍ରୀନିବାସ ମହାପାତ୍ର, ଜେମାଦେଈପୁର ପଞ୍ଚାୟତରେ ବ୍ଲକ ଅଧକ୍ଷା ରୂପା ଦଳେଇ, ପାଞ୍ଚଗାଁରେ ରଘୁନାଥ ଦାଶ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଗଣଦୌଡ଼ ଉଦ୍‌ଘାଟନ କରିଥିଲେ। ନିଜିଗଡ଼ ବଡ଼ମ୍ବାରେ ମୁରଲୀଧର ମହାପାତ୍ର, ରାଜାକୃଷ୍ଣଚନ୍ଦ୍ର ଫୁଟବଲ ଆସୋସିଏଶନ ସଭାପତି ତ୍ରିଭୁବନଚନ୍ଦ୍ର ଦେବ, ରତାପାଟରେ ହରିହର ବଳବନ୍ତରାୟ ଉଦ୍‌ଘାଟନ କରିଥିଲେ। ମାଣିଆବନ୍ଧ ଫାଣ୍ଡି ଅନ୍ତର୍ଗତ ସନ୍ତରାବାଲୀ ପଞ୍ଚାୟତରେ ଗଣଦୌଡ଼ ହୋଇଛି।



ବାଙ୍କୀଠାରେ ଅତିଥିମାନେ କୃତୀ ପ୍ରତିଯୋଗୀଙ୍କୁ ମାନପତ୍ର ଦେଇ ପୁରସ୍କୃତ କରୁଛନ୍ତି।

# ଫେସ୍‌ବୁକ୍‌ରେ ଛାତ୍ରୀଙ୍କୁ ଅଶ୍ଳୀଳ ମେସେଜ: ଅଭିଯୁକ୍ତ ଗିରଫ

**କଟକ ଅଫିସ୍,୨୫।୧୧:**

ଫେସ୍‌ବୁକ୍‌ରେ ଛାତ୍ରୀଙ୍କୁ ଅଶ୍ଳୀଳ ମେସେଜ ପଠାଇବା ଅଭିଯୋଗରେ ବାଦାମବାଡି ପୋଲିସ ରବିବାର ଶଙ୍କରପୁର ପରିଡାସାହି ଅଞ୍ଚଳର ରବୀନ୍ଦ୍ର ନାୟକ(୩୮)ଙ୍କୁ ଗିରଫ କରି ରବିବାର କୋର୍ଟଚାଲାଣ କରିଛି। ଛାତ୍ରୀ ଜଣକ କଟକର ଏକ ଘରୋଇ କଲେଜରେ ଯୁକ୍ତ ୨ ପ୍ରଥମ ବର୍ଷରେ ପଢୁଛନ୍ତି। ଗତ ୧ ମାସ ହେବ ରବୀନ୍ଦ୍ର ଉକ୍ତ ଛାତ୍ରୀଙ୍କ ସହ ଫେସ୍‌ବୁକ୍‌ରେ ପରିଚିତ ହୋଇଥିଲେ। ରବୀନ୍ଦ୍ର ତାଙ୍କ ସହ କିଛିଦିନ କଥା ହେବା ପରେ ମନ୍ଦ ଉଦ୍ଦେଶ୍ୟ ରଖି ଫେସବୁକ୍‌ରେ ମେସେଜ୍ କରୁଥିଲେ। ଛାତ୍ରୀ ଜଣଙ୍କ ଏହାକୁ ଅଣଦେଖା କରୁଥିଲେ ମଧ ସେ ବାରମ୍ବାର ଅଶ୍ଳୀଳ ମେସେଜ୍ ପଠାଉଥିଲେ। ଏହାକୁ ବିରୋଧ କରିବାକୁ ରବୀନ୍ଦ୍ର ତାଙ୍କୁ ଉଠାଇ ନେବାକୁ ଧମକ ଦେଇଥିଲେ। ଛାତ୍ରୀ ପରିବାର ପକ୍ଷରୁ ଥାନାରେ ଅଭିଯୋଗ ହେବା ପରେ ପୋଲିସ ଏକ ମାମଲା(ନଂ.୩୨୨/୧୮) ରୁଜୁ କରିଥିଲା।

# ବସ୍ ହେଲ୍‌ପରଙ୍କୁ ମାଡ଼, ଜଣେ ଗିରଫ

**କଟକ ଅଫିସ୍,୨୫।୧୧**

ଘରୋଇ ବସ୍‌ର ହେଲପରଙ୍କୁ ମାଡ ମାରିବା ଅଭିଯୋଗରେ ଜଣେ ଅଭିଯୁକ୍ତଙ୍କୁ ରବିବାର ବାଦାମବାଡି ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ ବଡମ୍ବା ଥାନା ରତାପାଟ ଅଞ୍ଚଳର ବିଶ୍ୱଜିତ୍ ନାୟକ(୩୯)। ଶନିବାର ପାଲାମଣ୍ଡପ ଅଞ୍ଚଳରେ ଥିବା ପୁରୀ ବସ୍‌ଷ୍ଟାଣ୍ଡରୁ ଉକ୍ତ ବସ୍ ବାହାରୁଥିଲା। ଏହି ସମୟରେ ବିଶ୍ୱଜିତ୍‌ରାସ୍ତାରେ ଠିଆ ହୋଇଥିଲେ। ହେଲପର ତାଙ୍କୁ ସେଠାରୁ ଉଠିଯିବାକୁ କହିବାରୁ ଏହାକୁ ନେଇ ଉଭୟଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା। ଏଥିରେ ଉତ୍ୟକ୍ତ ହୋଇ ବିଶ୍ୱଜିତ୍ ଏକ ବାଡିରେ ହେଲପରଙ୍କୁ ମାଡ ମାରିଥିଲେ। ଏ ନେଇ ସେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା(ନଂ.୩୨୩/୧୮) ରୁଜୁ କରିଛି।

# ରାଜକିଶୋର ଥିଲେ ଅସାଧାରଣ ପ୍ରତିଭାର ଅଧିକାରୀ

**କଟକ ଅଫିସ, ୨୫।୧୧**

ଉତ୍କଳ ସାହିତ୍ୟ ସମାଜ ପକ୍ଷରୁ ସ୍ଥାନୀୟ ଶତାବ୍ଦୀ ଭବନ ପରିସରରେ ରବିବାର କଥାଶିଳ୍ପୀ ରାଜକିଶୋର ପଟ୍ଟନାୟକଙ୍କ ତୈଳଚିତ୍ର ଉନ୍ମୋଚିତ ହୋଇଯାଇଛି। ଏହି ଉତ୍ସବରେ ମୁଖ୍ୟଅତିଥି ଭାବେ କଥାଶିଳ୍ପୀ ପ୍ରଫେସର ଶାନ୍ତନୁ କୁମାର ଆଚାର୍ଯ୍ୟ ଯୋଗଦେଇ ରାଜକିଶୋର ପଟ୍ଟନାୟକ ଅସାଧାରଣ ପ୍ରତିଭାର ଅଧିକାରୀ ଥିଲେ ବୋଲି କହିଥିଲେ। ଏଥିରେ ସମ୍ମାନିତ ଅତିଥି ଭାବେ ଓଡ଼ିଶା ହାଇକୋର୍ଟର ଆଡଭୋକେଟ୍ ଜେନେରାଲ ସୂର୍ଯ୍ୟ ପ୍ରସାଦ ମିଶ୍ର, ବରେଣ୍ୟ ଅତିଥି ଶିକ୍ଷାବିତ୍ ନରେନ୍ଦ୍ର ପ୍ରସାଦ ଦାସ, ସମ୍ମାନିତ ବକ୍ତା ବ୍ରହ୍ମାନନ୍ଦ ମହାନ୍ତି ଯୋଗଦେଇଥିଲେ। ଉତ୍କଳ ସାହିତ୍ୟ ସମାଜର ସଭାପତି ଡ. ବିଜୟାନନ୍ଦ ସିଂହଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉତ୍ସବରେ ରାଜକିଶୋରଙ୍କ ପୁତ୍ର ଅଶୋକ କୁମାର ପଟ୍ଟନାୟକ ପିତାଙ୍କ ସହ ନିଜର ଅନୁଭୂତି ଓ ରାଜକିଶୋରଙ୍କ ପାରିବାରିକ ଜୀବନର ଚିତ୍ର ପ୍ରଦାନ କରିଥିଲେ।



ତୈଳଚିତ୍ର ଉନ୍ମୋଚନ ଅବସରରେ ଉପସ୍ଥିତ ଅତିଥିବୃନ୍ଦ।

■ ନବବଧୂଙ୍କ ମୃତଦେହ ଜବତ, ବାପା ଆଣିଲେ ହତ୍ୟା ଅଭିଯୋଗ

# ଯୌତୁକ ପାଇଁ ମାରିଦେଲେ, ସ୍ୱାମୀ ଗିରଫ

**ବେଗୁନିଆ,୨୫।୧୧(ଡି.ଏନ.ଏ.)**

ବେଗୁନିଆ ଥାନା ବଡବେରଣା ପଞ୍ଚାୟତ ଅନ୍ତର୍ଗତ ଗୋବିନ୍ଦପୁର ଗ୍ରାମରୁ ରବିବାର ସକାଳୁ ଜନୈକା ନବବଧୂଙ୍କ ମୃତଦେହକୁ ପୋଲିସ ଉଦ୍ଧାର କରିଥିଲା। ଏହି ଘଟଣାଟି ହତ୍ୟା ନା ଆତ୍ମହତ୍ୟା ସେ ନେଇ ପୋଲିସ ସନ୍ଦେହରେ ପଡିଥିଲା। ମାତ୍ର ପୋଲିସର ପ୍ରାଥମିକ ତଦନ୍ତ ଓ ବଧୂଙ୍କ ବାପାଙ୍କ ଅଭିଯୋଗକୁ ଭିତ୍ତି କରି ଥାନାରେ ଯୌତୁକ ନିର୍ଯାତନା ଓ ହତ୍ୟା ମାମଲା ରୁଜୁ ହୋଇଛି। ଏହି ଘଟଣାରେ ସ୍ୱାମୀ ସୁଦର୍ଶନ ଜେନାଙ୍କୁ ପୋଲିସ ଗିରଫ କରିଛି। ଘଟଣାର ତଦନ୍ତ କରୁଥିବା ଥାନା ଅଧିକାରୀ ରଶ୍ମି ରଞ୍ଜନ ସାହୁଙ୍କ ସୂଚନା ଅନୁସାରେ କଟକ ଜିଲା ବାଙ୍କୀ ଥାନା ବରପୁଟ ଗ୍ରାମର ମନମୋହନ ଖଟୁଆଙ୍କ କନ୍ୟା ଅନ୍ନପୂର୍ଣ୍ଣା ଗତ ୨ ବର୍ଷ ପୂର୍ବେ ଗୋବିନ୍ଦପୁର ଗ୍ରାମର ଶଙ୍କର୍ଷଣ ଜେନାଙ୍କ ସାନ ପୁଅ ସୁଦର୍ଶନଙ୍କୁ ବୈଦିକ ରୀତିରେ ବିବାହ କରିଥିଲେ। ଦାବି ମୁତାବକ ଯୌତୁକ କନ୍ୟା ଘର ପକ୍ଷର ଦିଆଯାଇଥିଲା। ବିବାହ ପରେ ଘରେ ଅଧିକ ଯୌତୁକ ପାଇଁ ପାରିବାରିକ କଳହ ଦେଖା ଦେଉଥିଲା। ଅଧିକ ଯୌତୁକ ଆଣିବାକୁ ଅନ୍ନପୂର୍ଣ୍ଣାଙ୍କୁ ଶାଶୁ ଘର ଲୋକେ ବାରମ୍ବାର ନିର୍ଯାତନା ଦେଉଥିଲେ। ଏ ନେଇ ମଧ ଅନେକାଂଶରେ ସ୍ୱାମୀ ଓ ସ୍ତ୍ରୀଙ୍କ ମଧ୍ୟରେ ମନୋମାଳିନ୍ୟ ହେବା ଦ୍ୱାରା ଉଭୟପକ୍ଷର ଭଦ୍ରଲୋକଙ୍କ ଉପସ୍ଥିତିରେ ସମାଧାନ ହୋଇଥିଲା। ଶନିବାର ରାତିରେ ଅନ୍ନପୂର୍ଣ୍ଣାଙ୍କୁ ଶାଶୁ ଘର ଲୋକେ ଶ୍ୱାସରୁଦ୍ଧ କରି ମାରି ଦେଇଛନ୍ତି ବୋଲି ବାପା ହତ୍ୟା ଅଭିଯୋଗ ଆଣିଛନ୍ତି। ଏ ନେଇ ଦଫା ୪୯୮, ୩୦୪(ଖ), ୩୦୨ ଓ ୪ ଡିପି ଆକ୍ଟ ସହ ନଂ. ୧୯୧/୧୮ରେ ମାମଲା ରୁଜୁ ହୋଇଛି। ରବିବାର ଅପରାହ୍ଣରେ ଅନ୍ନପୂର୍ଣ୍ଣାଙ୍କ ମୃତଦେହ ବ୍ୟବଚ୍ଛେଦ କରାଇ ଗୋବିନ୍ଦପୁରସ୍ଥିତ ଶାଶୁ ଘର ଲୋକଙ୍କୁ ହସ୍ତାନ୍ତର କରିଛି। ଏଥିସହିତ ବେଗୁନିଆ ଅତିରିକ୍ତ ତହସିଲଦାର ଜନ୍ମେଞ୍ଜୟ ସାହୁଙ୍କ ଉପସ୍ଥିତିରେ ସମସ୍ତ ଯୌତୁକ ଆସବାବପତ୍ରକୁ ପୋଲିସ ଉଦ୍ଧାର କରି ବାପଘର ଲୋକଙ୍କ ଜିମା ଦେଇଛି।



“ ପ୍ରାଚୁର୍ଯ୍ୟରେ ଥିଲାବେଳେ ହିଁ ଜଣାପଡ଼ିବ ଲୋକଟି କିଭଳି ଖରାପ।

- ଜନ୍ କାସ୍‌ପର୍ ଲାଭାଟର



## ସଂକ୍ଷେପରେ

### କାର୍ତ୍ତିକେଶ୍ୱର ମୂର୍ତ୍ତି ବିସର୍ଜନକୁ ନେଇ ଗଣ୍ଡଗୋଳ: ୩ ଗିରଫ

**କଟକ ଅଫିସ୍,୨୫।୧୧:** କାର୍ତ୍ତିକେଶ୍ୱର ମୂର୍ତ୍ତି ବିସର୍ଜନକୁ ନେଇ ଘଟିଥିବା ଗଣ୍ଡଗୋଳ ଘଟଣାରେ କ୍ୟାଣ୍ଟନମେଣ୍ଟ ପୋଲିସ ୩ ଜଣଙ୍କୁ ଗିରଫ କରି ରବିବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ କ୍ୟାଣ୍ଟନମେଣ୍ଟ ଥାନା ଅନ୍ତର୍ଗତ ଝାଞ୍ଜିରିମଙ୍ଗଳା ଅଞ୍ଚଳର ପ୍ରକାଶ ଚନ୍ଦ୍ର ବସ୍ତିଆ(୩୭), ବିକାଶ ମହାନ୍ତି(୨୩) ଓ ରାକେଶ ବାରିକ(୨୬)। ଅଭିଯୋଗ ଅନୁଯାୟୀ, ଲାଲବାଗ ଥାନା ଅନ୍ତର୍ଗତ ରାମଗଡ ଅଞ୍ଚଳର କାର୍ତ୍ତିକେଶ୍ୱର ମୂର୍ତ୍ତି ଶନିବାର ରାତିରେ ଭସାଣି ପାଇଁ ବାହାରିଥିଲା। ମୂର୍ତ୍ତି ବିସର୍ଜନକୁ ନେଇ ମହାନଦୀ ପଠାରେ ଝାଞ୍ଜିରିମଙ୍ଗଳା ଅଞ୍ଚଳର କେତେଜଣ ଯୁବକଙ୍କ ସହ ରାମଗଡ ଅଞ୍ଚଳର ଅନନ୍ତ ମହାରଣାଙ୍କ ଯୁକ୍ତିତର୍କ ହୋଇଥିଲା। ଏଥିରେ ଉତ୍ତ୍ୟକ୍ତ ହୋଇ ଅଭିଯୁକ୍ତମାନେ ଅନନ୍ତଙ୍କୁ ମାଡ ମାରିଥିଲେ। ଏଥିରେ ସେ ଆହତ ହୋଇଥିଲେ। ଏ ନେଇ ଅନନ୍ତ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା(ନଂ.୯୭/୧୮) ରୁଜୁ କରିଥିଲା।

### ଫେସ୍‌ବୁକ୍‌ରେ ଛାତ୍ରୀଙ୍କୁ ଅଶ୍ଳୀଳ ମେସେଜ: ଅଭିଯୁକ୍ତ ଗିରଫ

**କଟକ ଅଫିସ୍,୨୫।୧୧:** ଫେସ୍‌ବୁକ୍‌ରେ ଛାତ୍ରୀଙ୍କୁ ଅଶ୍ଳୀଳ ମେସେଜ ପଠାଇବା ଅଭିଯୋଗରେ ବାଦାମବାଡି ପୋଲିସ ରବିବାର ସ୍ଥାନୀୟ ଶଙ୍କରପୁର ପରିଡାସାହି ଅଞ୍ଚଳର ରବୀନ୍ଦ୍ର ନାୟକ(୩୮)ଙ୍କୁ ଗିରଫ କରି ରବିବାର କୋର୍ଟଚାଲାଣ କରିଛି। ଅଭିଯୋଗ ଅନୁଯାୟୀ, ଛାତ୍ରୀ ଜଣକ କଟକର ଏକ ଘରୋଇ କଲେଜରେ ଯୁକ୍ତ ୨ ପ୍ରଥମ ବର୍ଷରେ ପଢୁଛନ୍ତି। ଗତ ୧ ମାସ ହେବ ରବୀନ୍ଦ୍ର ଉକ୍ତ ଛାତ୍ରୀଙ୍କ ସହ ଫେସ୍‌ବୁକ୍‌ରେ ପରିଚିତ ହୋଇଥିଲେ। ରବୀନ୍ଦ୍ର ତାଙ୍କ ସହ କିଛିଦିନ କଥା ହେବା ପରେ ମନ୍ଦ ଉଦ୍ଦେଶ୍ୟ ରଖି ଫେସବୁକ୍‌ରେ ମେସେଜ୍ କରୁଥିଲେ। ଛାତ୍ରୀ ଜଣଙ୍କ ଏହାକୁ ଅଣଦେଖା କରୁଥିଲେ ମଧ୍ୟ ସେ ବାରମ୍ବାର ଅଶ୍ଳୀଳ ମେସେଜ୍ ପଠାଉଥିଲେ। ଏହାକୁ ବିରୋଧ କରିବାକୁ ରବୀନ୍ଦ୍ର ତାଙ୍କୁ ଉଠାଇ ନେବାକୁ ଧମକ ଦେଇଥିଲେ। ଏ ନେଇ ଛାତ୍ରୀ ପରିବାର ପକ୍ଷରୁ ଥାନାରେ ଅଭିଯୋଗ ହେବା ପରେ ପୋଲିସ ଏକ ମାମଲା(ନଂ.୩୨୨/୧୮) ରୁଜୁ କରିଥିଲା।

### ବସ୍ ହେଲ୍‌ପରଙ୍କୁ ମାଡ଼, ଜଣେ ଗିରଫ

**କଟକ ଅଫିସ୍,୨୫।୧୧:** ଘରୋଇ ବସ୍‌ର ହେଲପରଙ୍କୁ ମାଡ ମାରିବା ଅଭିଯୋଗରେ ଜଣେ ଅଭିଯୁକ୍ତଙ୍କୁ ରବିବାର ବାଦାମବାଡି ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ ବଡମ୍ବା ଥାନା ଅନ୍ତର୍ଗତ ରତାପାଟ ଅଞ୍ଚଳର ବିଶ୍ୱଜିତ୍ ନାୟକ(୩୯)। ପୋଲିସ ସୂଚନା ଅନୁଯାୟୀ, ଶନିବାର ସନ୍ଧ୍ୟାରେ ପାଲାମଣ୍ଡପ ଅଞ୍ଚଳରେ ଥିବା ପୁରୀ ବସ୍‌ଷ୍ଟାଣ୍ଡରୁ ଉକ୍ତ ବସ୍ ବାହାରୁଥିଲା। ଏହି ସମୟରେ ବିଶ୍ୱଜିତ୍ ରାସ୍ତାରେ ଠିଆ ହୋଇଥିଲେ। ହେଲପର ତାଙ୍କୁ ସେଠାରୁ ଉଠିଯିବାକୁ କହିବାରୁ ଏହାକୁ ନେଇ ଉଭୟଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା। ଏଥିରେ ଉତ୍ତ୍ୟକ୍ତ ହୋଇ ବିଶ୍ୱଜିତ୍ ଏକ ବାଡିରେ ହେଲପରଙ୍କୁ ମାଡ ମାରିଥିଲେ। ଏ ନେଇ ସେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା(ନଂ.୩୨୩/୧୮) ରୁଜୁ କରିଛି।

### କାର୍ ଜଳିଗଲା

**କଟକ ସଦର, ୨୫।୧୧(ଡି.ଏନ୍.ଏ.):** କଟକ-ପାରାଦୀପ ରାସ୍ତାର ଗତିରାଉତ ପାଟଣା ପଞ୍ଚାୟତ କାର୍ଯ୍ୟାଳୟ ନିକଟରେ ରବିବାର ସନ୍ଧ୍ୟାରେ ଏକ କାର ଜଳିଯାଇଛି। ଏଥିଯୋଗୁ ପ୍ରାୟ ୧ ଘଣ୍ଟା ଧରି ଯାନବାହନ ଚଳାଚଳ ବନ୍ଦ ରହିଥିଲା। ଖବରପାଇ ନୂଆବଜାରରୁ ଅଗ୍ନିଶମ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିବା ପରେ ଗାଡି ଚଳାଚଳ ସ୍ୱାଭାବିକ ହୋଇଥିଲା। ପ୍ରତ୍ୟେକ୍ଷଦର୍ଶୀଙ୍କ କହିବାନୁଯାୟୀ, ନାଲିରଙ୍ଗର କାର୍(ଓଡି୦୨ଏଏସ୍-୮୭୯୪)ଟି କଟକ ଅଭିମୁଖେ ଯାଉଥିବାବେଳେ ହଠାତ୍ ଜଳି ଉଠିଥିଲା। ହେଲେ କାର ଭିତରେ ଥିବା ଲୋକମାନେ ବାହାରକୁ ବାହାରି ଆସିଥିଲେ। ନିଆଁ ଲାଗିବାର କାରଣ ଅସ୍ପଷ୍ଟ ରହିଛି।

### ଭାଜପାର ଜନ ପରାମର୍ଶ ପଦଯାତ୍ରା

**କଟକ ସଦର, ୨୫।୧୧(ଡି.ଏନ୍.ଏ.):** କଟକ ସଦର ବ୍ଲକ ଅଧୀନ ୪୨ ମୌଜା ଭାଜପା ମଣ୍ଡଳର ଜନ ପରାମର୍ଶ ପଦଯାତ୍ରା ରବିବାର କୂଳସରିଚୁଆଁ ପଞ୍ଚାୟତରେ ଅନୁଷ୍ଠିତ ହୋଇଯାଇଛି। ଭାଜପା ନେତା ଦିଲ୍ଲୀପ ମଲ୍ଲିକ, ରବି ମହାପାତ୍ର, ହୃଷୀକେଶ ଜେନା, ପୀୟୂଷ ରଞ୍ଜନ ପରିଡା, ନିର୍ମଳ ଦାସ, ଚନ୍ଦ୍ରଶେଖର ମଲ୍ଲିକ ପ୍ରମୁଖ ଏହି ପଦଯାତ୍ରାର ନେତୃତ୍ୱ ନେଇଥିଲେ।

# କାର୍ତ୍ତିକେଶ୍ୱର ଭସାଣି ବେଳେ ଗଣ୍ଡଗୋଳ



ରାସ୍ତାରେ ପଡ଼ିଥିବା ଇଟାଗୁଣ୍ଡ।




ଗଣ୍ଡଗୋଳ ପରେ ଉପସ୍ଥିତ ପୋଲିସ୍।

**କଟକ ଅଫିସ୍,୨୫।୧୧**

- ଉଭୟ ପକ୍ଷରୁ ଢେଲା, ପଥର ମାଡ଼
- ୪ ଆହତ, ୨ ଅଟକ
- ଘଟଣାସ୍ଥଳରେ ପୋଲିସର ବୁଝାଶୁଝା

ରବିବାର କାର୍ତ୍ତିକେଶ୍ୱର ଭସାଣି ବେଳେ ଦୁଇ ଗୋଷ୍ଠୀଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇଛି। ଏଥିରେ ଉଭୟ ପକ୍ଷରୁ ଢେଲା, ପଥର ମାଡ କରାଯାଇଥିବା ବେଳେ ୪ ଜଣ ବ୍ୟକ୍ତି ଆହତ ହୋଇଛନ୍ତି। ଏ ନେଇ ଉଭୟ ପକ୍ଷରୁ ଲାଲବାଗ୍ ଥାନାରେ ଅଭିଯୋଗ ହୋଇଛି। ଏହି ଘଟଣାରେ ପୋଲିସ ଦୁଇ ଜଣଙ୍କୁ ଅଟକ ରଖି ତଦନ୍ତ ଚଳାଇଛି। ମିଳିଥିବା ସୂଚନା ଅନୁଯାୟୀ, ରବିବାର ଅପରାହ୍ନ ପ୍ରାୟ ୩ଟାରେ ମହୀଦାସ ବଜାର କାର୍ତ୍ତିକେଶ୍ୱର ମେଢ ଭସାଣି ଶୋଭାଯାତ୍ରାରେ କାଜି ବଜାର ଦେଇ ଯାଉଥିଲା। ଏହି ସମୟରେ ଦୁଇ ବ୍ୟକ୍ତିଙ୍କ ମଧ୍ୟରେ ବ୍ୟକ୍ତିଗତ ଶତ୍ରୁତାକୁ ନେଇ ପ୍ରଥମେ ଗଣ୍ଡଗୋଳ ହୋଇଥିଲା। ପରେ ଏଥିରେ ସାମିଲ ହୋଇଥିଲେ କାଜି ବଜାର ଏବଂ ମହୀଦାସ ବଜାର ଗୋଷ୍ଠୀ। ଫଳରେ ଉଭୟ ପକ୍ଷ ମୁହାଁମୁହିଁ ହୋଇଥିଲେ। ଉଭୟ ପକ୍ଷରୁ ଢେଲା, ପଥର ମାଡ କରାଯାଉଥିଲା। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ବୁଝାଶୁଝା କରିବା ପରେ ପରିସ୍ଥିତି ଶାନ୍ତ ପଡିଥିଲା।

## ରାଜକିଶୋର ଥିଲେ ଅସାଧାରଣ ପ୍ରତିଭାର ଅଧିକାରୀ

**କଟକ ଅଫିସ, ୨୫।୧୧**



ତୈଳଚିତ୍ର ଉନ୍ମୋଚନ ଅବସରରେ ଉପସ୍ଥିତ ଅତିଥିବୃନ୍ଦ।

ଉତ୍କଳ ସାହିତ୍ୟ ସମାଜ ପକ୍ଷରୁ ସ୍ଥାନୀୟ ଶତାବ୍ଦୀ ଭବନ ପରିସରରେ ରବିବାର କଥାଶିଳ୍ପୀ ରାଜକିଶୋର ପଟ୍ଟନାୟକଙ୍କ ତୈଳଚିତ୍ର ଉନ୍ମୋଚିତ ହୋଇଯାଇଛି। ଏହି ଉତ୍ସବରେ ମୁଖ୍ୟଅତିଥି ଭାବେ କଥାଶିଳ୍ପୀ ପ୍ରଫେସର ଶାନ୍ତନୁ କୁମାର ଆଚାର୍ଯ୍ୟ ଯୋଗଦେଇ ରାଜକିଶୋର ପଟ୍ଟନାୟକ ଅସାଧାରଣ ପ୍ରତିଭାର ଅଧିକାରୀ ଥିଲେ ବୋଲି କହିଥିଲେ। ଏଥିରେ ସମ୍ମାନିତ ଅତିଥି ଭାବେ ଓଡ଼ିଶା ହାଇକୋର୍ଟର ଆଡଭୋକେଟ୍ ଜେନେରାଲ ସୂର୍ଯ୍ୟ ପ୍ରସାଦ ମିଶ୍ର, ବରେଣ୍ୟ ଅତିଥି ଶିକ୍ଷାବିତ୍ ନରେନ୍ଦ୍ର ପ୍ରସାଦ ଦାସ, ସମ୍ମାନିତ ବକ୍ତା ବ୍ରହ୍ମାନନ୍ଦ ମହାନ୍ତି ଯୋଗଦେଇଥିଲେ। ଉତ୍କଳ ସାହିତ୍ୟ ସମାଜର ସଭାପତି ଡ. ବିଜୟାନନ୍ଦ ସିଂହଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ରାଜକିଶୋରଙ୍କ ପୁତ୍ର ଅଶୋକ କୁମାର ପଟ୍ଟନାୟକ ପିତାଙ୍କ ସହ ନିଜର ଅନୁଭୂତି ଓ ରାଜକିଶୋରଙ୍କ ପାରିବାରିକ ଜୀବନର ଚିତ୍ର ପ୍ରଦାନ କରିଥିଲେ। ଉତ୍ସବରେ ରାଜକିଶୋର ପଟ୍ଟନାୟକଙ୍କ ଭଗ୍ନୀ ପୁଣ୍ୟପ୍ରଭା ପଟ୍ଟନାୟକ ଓ ରାଜକିଶୋର ଗଳ୍ପ ସାହିତ୍ୟର ଗବେଷକ ସାରଦା ପ୍ରସାଦ ମହାନ୍ତିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

## ଦୀପ୍ତିରାଣୀ ସାମନ୍ତ, ଅମିତାଭ ମିଶ୍ର ପାଇଲେ କନକଲତା ସ୍ମୃତି ସମ୍ମାନ

**କଟକ ଅଫିସ, ୨୫।୧୧**

କଟକବାଖରାବାଦସ୍ଥିତଗାନ୍ଧୀଭବନଠାରେ ସାଲେପୁର କନକଲତା ଶତପଥୀ ସ୍ମୃତି ସଂସଦ ଓ ଅଭୀପ୍ସା ପକ୍ଷରୁ ରବିବାର ନବମ କନକଲତା ସ୍ମୃତି ସମ୍ମାନ ପ୍ରଦାନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଅଭୀପ୍ସାର ପ୍ରତିଷ୍ଠାତା ତଥା ଗାଳ୍ପିକ ସଂଗ୍ରାମ କେଶରୀ ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥି ଭାବେ ଆଇନଜୀବୀ ଡ. ଟହଲି ଚରଣ ମହାନ୍ତି, ମୁଖ୍ୟବକ୍ତା ଜଗନ୍ନାଥ ବାର୍ତ୍ତାର ସମ୍ପାଦକ ବିଷ୍ଣୁପଦ ଦାଶ, ସମ୍ମାନିତ ବକ୍ତା ଡା. ରବିରଞ୍ଜନ ସାହୁ, ସମ୍ମାନିତ ଅତିଥି ଚିତ୍ରଶିଳ୍ପୀ ରବି ନାରାୟଣ ରଥ ପ୍ରମୁଖ ଯୋଗଦେଇ ମା'ର ତ୍ୟାଗପ୍ରତି ଜୀବନ ସମ୍ପର୍କରେ ଆଲୋକପାତ କରିବା ସହ କନକଲତାଙ୍କ ପରୋପକାର ଗୁଣ ସମ୍ପର୍କରେ ପ୍ରକାଶ କରିଥିଲେ। ଏହି ଅବସରରେ ଡା. ଦୀପ୍ତିରାଣୀ ସାମନ୍ତ ଓ ସଙ୍ଗଠକ ଅମିତାଭ ମିଶ୍ରଙ୍କୁ ନବମ କନକଲତା ସ୍ମୃତି ସମ୍ମାନ ପ୍ରଦାନ କରାଯାଇଥିଲା। ଏଥିସହ କବି ସୁଶାନ୍ତ ବଳଙ୍କୁ ଅଭୀପ୍ସା କବିରତ୍ନ ସମ୍ମାନ ପ୍ରଦାନ କରାଯାଇଥିଲା।

## ମିନି ସୁପରଷ୍ଟାର ଡ୍ୟାନ୍ସ ପ୍ରତିଯୋଗିତା

**ଫୁଲନଖରା, ୨୫।୧୧(ଡି.ଏନ୍.ଏ.)**

ଫୁଲନଖରାସ୍ଥିତ ନୂଆକାଚରାମାଳ ଗ୍ରାମ କାର୍ତ୍ତିକେଶ୍ୱର ପୂଜା କମିଟି ପକ୍ଷରୁ ମିନି ସୁପରଷ୍ଟାର ଡ୍ୟାନ୍ସ ପ୍ରତିଯୋଗିତା ଶନିବାର ଅନୁଷ୍ଠିତ ହୋଇଯାଇଛି। ଏହାକୁ ସାମାଜିକ କର୍ମୀ ସ୍ୱାଧୀନଚେତା ମହାନ୍ତି ଉଦ୍‌ଘାଟନ କରିଥିଲେ। ଏଥିରେ ୫ରୁ ୧୮ ବର୍ଷ ମଧ୍ୟରେ ୬୦ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ଏହି ଉପଲକ୍ଷେ ଆୟୋଜିତ ପୁରସ୍କାର ବିତରଣୀ ଉତ୍ସବରେ ଚଳଚ୍ଚିତ୍ର ନିର୍ଦ୍ଦେଶକ ସଞ୍ଜୟ କୁମାର ନାୟକ ମୁଖ୍ୟଅତିଥି, ଅଭିନେତା ଶ୍ରୀତମ ଦାସ ମୁଖ୍ୟବକ୍ତା, ଅଭିନେତ୍ରୀ ଅନୁଭା ସୌରିଆ, ଚଳଚ୍ଚିତ୍ର ନିର୍ଦ୍ଦେଶକ ସୁଧାକର ବସନ୍ତ, ଭାଜପା ନେତା ଦିଲ୍ଲୀପ ମଲ୍ଲିକ, କାନନ ବିହାରୀ ନାୟକ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ପୂଜା କମିଟି ସମ୍ପାଦକ ପବିତ୍ର କୁମାର ବେହେରା କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ। ନୃତ୍ୟ ପ୍ରତିଯୋଗିତାର ସିନିୟର ବିଭାଗରେ ଶୁଭସ୍ମିତା ବେହେରା ପ୍ରଥମ, ପ୍ରତୀକ୍ଷା ଦାସ ଦ୍ୱିତୀୟ, ସୁଶ୍ରୀ ସାହୁ ତୃତୀୟ ସ୍ଥାନ ଅଧିକାର କରିଥିବାବେଳେ ଜୁନିୟର ବିଭାଗରେ ସ୍ମୃତିରେଖା ସ୍ୱାଇଁ ବିଜୟୀ ହୋଇଥିଲେ। ସୁନୀଲ ବେହେରା, ସୁଶାନ୍ତ ବେହେରା, ଗଣେଶ ବାରିକ, ମୋହନ ବେହେରା ଓ ସୁବ୍ରତ ବେହେରା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ଅମରଜ୍ୟୋତି କପ୍ ଫୁଟବଲ, ନାରପଡ଼ା ଚାମ୍ପିୟନ

**ଚୌଦ୍ୱାର, ୨୫।୧୧ (ଡି.ଏନ୍.ଏ)**

ଚୌଦ୍ୱାର ବିଲ୍ୱବଜାର ନିକଟସ୍ଥ ଖେଳପଡିଆରେ ଅମରଜ୍ୟୋତି କ୍ଳବ ଆନୁକୂଲ୍ୟରେ ଚାଲିଥିବା ସୁଧାଂଶୁ ଶେଖର ସାହୁ ମେମୋରିଆଲ ଫୁଟବଲ ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚ୍ ରବିବାର ଅନୁଷ୍ଠିତ ହୋଇଯାଇଛି। ଟୁର୍ନାମେଣ୍ଟରେ ନାରପଡ଼ା ସ୍ପୋର୍ଟ୍ସ କ୍ଳବ ଚାମ୍ପିୟନ ହୋଇଛି। ଫାଇନାଲ ମ୍ୟାଚ ବାଲିର ମା' ବନଦୁର୍ଗା ସ୍ପୋର୍ଟ୍ସ କ୍ଳବ ଓ ଚୌଦ୍ୱାରର ନାରପଡ଼ା ସ୍ପୋର୍ଟ୍ସ କ୍ଳବ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ନିର୍ଦ୍ଧାରିତ ସମୟ ମଧ୍ୟରେ ଖେଳ ଅମୀମାଂସିତ ରହିବାରୁ ଟାଇବ୍ରେକର ଜରିଆରେ ୪-୨ ଗୋଲରେ ନାରପଡ଼ା ବିଜୟୀ ହୋଇଥିଲା। ଖେଳକୁ ରେଫରି ରଜାକ୍ ଖାଁ, ଅବଦୁଲ ବାରି ଓ ନାରାୟଣ ସାହୁ ପରିଚାଳନା କରିଥିଲେ। ଆୟୋଜିତ ଉଦ୍‌ଯାପନୀ ଉତ୍ସବରେ ଡ. ପ୍ରଣୟା ନନ୍ଦ ସ୍ୱାଇଁ, ଇଂ. ପ୍ରଫୁଲ ଜୀବନ ରାୟ, ସୁଦୀପ୍ ମହାନ୍ତି, ସୁବାସ ନାୟକ, ସନାତନ ମିଶ୍ର, ମୁରଲୀଧର ମହାରଣା, ବିଜୟ କେତନ ଦାସ ଓ ସୁଧାକର ମହାପାତ୍ର ପ୍ରମୁଖ ଅତିଥିଭାବେ ଯୋଗଦେଇଥିଲେ। ଏହି ଅବସରରେ ବିଜୟୀ ଦଳକୁ ଚାମ୍ପିୟନ ଟ୍ରଫି ଓ ପରାଜିତ ଦଳକୁ ରନର୍ସଅପ୍ ଟ୍ରଫି ପ୍ରଦାନ କରାଯାଇଥିଲା। କ୍ଳବର ସଂପାଦକ ଅମୂଲ୍ୟ ଗିରି, ତ୍ରିଲୋଚନ ରାଉତ, ଶୁକଦେବ ଭୂୟାଁ, ଦେବବ୍ରତ ସାହୁ, ଧର୍ମାନନ୍ଦ ସ୍ୱାଇଁ, ମନୋଜ ବେଉରା, ନାରାୟଣ ମହାପାତ୍ର, ସତ୍ୟବାନ ମହାପାତ୍ର, ବ୍ରଜେନ୍ଦ୍ର ନାୟକ, ବୀରକିଶୋର ମହାନ୍ତି, ମନୋରଞ୍ଜନ ଖଟୁଆ, ବିନାୟକ ବେହେରା, ସ୍ମୃତିପ୍ରକାଶ ସାହୁ ଓ ରତ୍ନାକର ବେହେରା ପ୍ରମୁଖ ଟୁର୍ନାମେଣ୍ଟ ପରିଚାଳନା କରିଥିଲେ।

## ବାହ୍ୟ ମଳମୁକ୍ତ କୋରକୋରା ପଞ୍ଚାୟତ

**ଫୁଲନଖରା, ୨୫।୧୧(ଡି.ଏନ୍.ଏ.)**

ବାରଙ୍ଗ ବ୍ଲକ ଅଧୀନ କୋରକୋରା ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ରବିବାର ସ୍ୱଚ୍ଛ ଓଡ଼ିଶା, ସୁସ୍ଥ ଓଡ଼ିଶା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବାରଙ୍ଗ ବିଡିଓ ଆକୁଳ ମଲ୍ଲିକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ବ୍ଲକ ଅଧ୍ୟକ୍ଷ ସରୋଜ ସାହୁ ମୁଖ୍ୟଅତିଥି, ସରପଞ୍ଚ କାବେରୀ ବେହେରା, ପୁଷ୍ପଲତା ପାତ୍ର, ବ୍ଲକ ପରିମଳ କନିଷ୍ଠଯନ୍ତ୍ରୀ ତପସ୍ୱିନୀ ଚୌଧୁରୀ ଓ ଖଲର୍ଦ୍ଦା ସରପଞ୍ଚ ବେଣୁଧର ମୁଳିଆ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। କୋରକୋରା ପଞ୍ଚାୟତକୁ ବାହ୍ୟ ମଳମୁକ୍ତ ପଞ୍ଚାୟତ ଭାବେ ସଭାରେ ଘୋଷଣା କରାଯାଇଥିଲା। ଏହି ସଭାରେ ବିଭିନ୍ନ ଅଙ୍ଗନୱାଡି କେନ୍ଦ୍ରର ପରିଚାଳିକା, ଆଶାକର୍ମୀ ଓ ଜନସାଧାରଣ ଯୋଗଦେଇଥିଲେ। ଅଜୟ କୁମାର ବିଶ୍ୱାଳ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ନୃତ୍ୟ ଓ ଗୀତ ମାଧ୍ୟମରେ କଳାକାରମାନେ ସଚେତନତା କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

## ଶଙ୍ଖ, ହୁଳହୁଳି ପ୍ରତିଯୋଗିତା

**କଟକ ଅଫିସ, ୨୫।୧୧**

ମହ୍ଲାସାହି ବୁଢୀମଙ୍ଗଳା ଠାକୁରାଣୀଙ୍କ ପ୍ରାଙ୍ଗଣରେ ରବିବାର ଶଙ୍ଖ ଫୁଙ୍କା ଓ ହୁଳହୁଳି ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ହୁଳହୁଳିରେ ବାସନ୍ତୀ କାହାଳି ପ୍ରଥମ, ଆଶିଷ ଶୁକ୍ଳ ଦ୍ୱିତୀୟ ଏବଂ ପ୍ରୀତିମୟୀ ସାହୁ ତୃତୀୟ ସ୍ଥାନ ଅଧିକାର କରିଥିଲେ। ସେହିପରି ଶଙ୍ଖ ଫୁଙ୍କାରେ ଜ୍ୟୋତିରଞ୍ଜନ ଦଳେଇ, ଶୁଭସ୍ମିତା ସାହୁ, କଳ୍ପନା ନାୟକ ଯଥାକ୍ରମରେ ପ୍ରଥମ, ଦ୍ୱିତୀୟ ଏବଂ ତୃତୀୟ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଥିଲେ। ଏହି କାର୍ଯ୍ୟକ୍ରମରେ ବୈଷ୍ଣବ ଚରଣ ସାହୁ, ଡା. ତ୍ରିଲୋଚନ ଖୁଣ୍ଟିଆ, ମୋହିନୀ ମୋହନ ସାମଲ, ଅଶ୍ୱିନୀ ମହାରଣା ଓ ବିଭୂତି ମହାପାତ୍ର ଯୋଗଦେଇଥିଲେ। ନାଟ୍ୟକାର ନବକିଶୋର ଦାସ ଓ ଚନ୍ଦ୍ରଶେଖର ବେହେରା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଜାତୀୟ ଫାର୍ମାସୀ ସପ୍ତାହ ପାଳିତ

**କଟକ ଅଫିସ, ୨୫।୧୧**

ସାଇପର ଫାର୍ମାସୀ ଶିକ୍ଷାନୁଷ୍ଠାନ ତରଫରୁ ୭ ଦିନ ବ୍ୟାପି ଚାଲିଥିବା ଜାତୀୟ ଫାର୍ମାସୀ ସପ୍ତାହର ଉଦ୍‌ଯାପନୀ ଉତ୍ସବ ଶନିବାର ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ପ୍ରିନ୍ସିପାଲ ଡ. ସନ୍ତୋଷ କୁମାର ବଳଙ୍କ ଅଧ୍ୟକ୍ଷତାରେ ଫାର୍ମାସିଷ୍ଟ ଫର ଏ ହେଲ୍‌ଦି ଇଣ୍ଡିଆ ଶୀର୍ଷକ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ ଅନୁଷ୍ଠାନର ପରିଚାଳନା କମିଟି ଅଧ୍ୟକ୍ଷ ଡ. ଲୀନା ସାମନ୍ତରାୟ, ସମ୍ମାନିତ ଅତିଥି ଭାବେ ବିଜୟ କୁମାର ପଟ୍ଟନାୟକ, ପ୍ରଫେସର ବିଶ୍ୱଜିତ ବିଶ୍ୱାଳ, ସୁବୀର ମିତ୍ର ପ୍ରମୁଖ ଅଂଶଗ୍ରହଣ କରିଥିଲେ। ଶିକ୍ତା ନାୟକ ସ୍ୱାଗତ ଭାଷଣ ଓ ପ୍ରକାଶ ସେନ ଧନ୍ୟବାଦ ଦେଇଥିଲେ।

## ବିଜେଡିର ଜନ ସମ୍ପର୍କ ପଦଯାତ୍ରା




ପଦଯାତ୍ରାରେ ସାମିଲ କର୍ମୀ ଓ ଅନ୍ୟମାନେ।

**ଟାଙ୍ଗୀ(କଟକ), ୨୫।୧୧(ଡି.ଏନ୍.ଏ.)**

ଟାଙ୍ଗୀ-ଚୌଦ୍ୱାର ବ୍ଲକ ଭଟିମୁଣ୍ଡା ପଞ୍ଚାୟତରେ ବିଜେଡିର ଜନ ସମ୍ପର୍କ ପଦଯାତ୍ରା ରବିବାର ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ମଧୁସୂଦନ ସେତୁ ନିକଟରୁ ପଦଯାତ୍ରା ବାହାରି ପଞ୍ଚାୟତର ବିଭିନ୍ନ ୱାର୍ଡ ପରିକ୍ରମା କରିଥିଲା। ପୂର୍ବତନ ଜିଲା ପରିଷଦ ଅଧ୍ୟକ୍ଷ ପ୍ରଶାନ୍ତ କୁମାର ବେହେରା ମୁଖ୍ୟଅତିଥି ଭାବରେ ଯୋଗଦେଇ ରାଜ୍ୟ ସରକାରଙ୍କ ବିଭିନ୍ନ ଜନ କଲ୍ୟାଣ ଯୋଜନା ସମ୍ପର୍କରେ ଜନସାଧାରଣଙ୍କୁ ଅବଗତ କରାଇଥିଲେ। ବ୍ଲକ ଯୁବ ବିଜେଡି ସଭାପତି ତାପସ କୁମାର ସାହୁଙ୍କ ସଂଯୋଜନାରେ ଆୟୋଜିତ ପଦଯାତ୍ରାରେ ବ୍ଲକ ଅଧ୍ୟକ୍ଷା ଜୟଶ୍ରୀ ପ୍ରଧାନ, ଜିଲା ପରିଷଦ ସଦସ୍ୟ ଚିତ୍ତରଞ୍ଜନ ମହାନ୍ତି, ସସ୍ମିତା ସାହୁ ପ୍ରମୁଖ ଯୋଗଦେଇଥିଲେ।

## ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ବିଜ୍ଞାନ ମେଳା

**କଟକ ସଦର, ୨୫।୧୧(ଡି.ଏନ୍.ଏ.)**

କଟକ ସଦର ବ୍ଲକ ଅଧୀନ କମରପଦାସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ଏହାକୁ କଟକ ସଦର ବ୍ଲକ ଅତିରିକ୍ତ ଶିକ୍ଷା ଅଧିକାରୀ ସରୋଜିନୀ ସାହୁ ଉଦ୍‌ଘାଟନ କରିଥିଲେ। ଏଥିରେ ୪୦ ଜଣ ଛାତ୍ରୀଛାତ୍ର ପ୍ରକଳ୍ପ ପ୍ରଦର୍ଶନ କରିଥିଲେ। ବିଶ୍ୱଜିତ୍ ଭୋଇ, ଅଂଶୁମାନ ଦାଶ ଓ ପ୍ରିୟଙ୍କା ଦାଶ ଯୁଗ୍ମ ଭାବେ ପ୍ରଥମ ହୋଇଥିବାବେଳେ ଅଲିଶା ଦାଶ ଦ୍ୱିତୀୟ, ହିମାଂଶୁ ସାହୁ ତୃତୀୟ ସ୍ଥାନ ଅଧିକାର କରିଥିଲେ। ଏହି ଉପଲକ୍ଷେ ଆୟୋଜିତ ପୁରସ୍କାର ବିତରଣୀ ଉତ୍ସବରେ ଜନନୀ ଫାଉଣ୍ଡେଶନର ଅଧ୍ୟକ୍ଷା ମନୋରମା ଦାଶ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ପ୍ରଧାନ ଆଚାର୍ଯ୍ୟ ସଞ୍ଜୟ ଦାଶ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।




ଜବାହରଲାଲ ନେହେରୁ ଇନ୍‌ଡୋର ଷ୍ଟାଡିୟମଠାରୁ ବାହାରିଥିବା ମିନି ମାରାଥନ।

## ହକି ବିଶ୍ୱକପ୍ ପାଇଁ ମିନି ମାରାଥନ୍

**କଟକ ଅଫିସ/ କଣ୍ଟାପଡା/ଖୁଣ୍ଟୁଣୀ,, ୨୫।୧୧(ଡି.ଏନ୍.ଏ.)**

ହକି ବିଶ୍ୱକପ୍ ପରିପ୍ରେକ୍ଷୀରେ ରବିବାର କଟକ ଜିଲା ପ୍ରଶାସନ ପକ୍ଷରୁ ଏକ ମିନି ମାରାଥନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଭିନ୍ନ ବର୍ଗର ୫୦୦ରୁ ଊର୍ଦ୍ଧ୍ୱ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ଜବାହରଲାଲ ନେହେରୁ ଇନ୍‌ଡୋର ଷ୍ଟାଡିୟମଠାରୁ ମିନି ମାରାଥନ୍ ଆରମ୍ଭ ହୋଇ ଚହଟା ଘାଟସ୍ଥିତ ଏକ ହୋଟେଲ ପର୍ଯ୍ୟନ୍ତ ଯାଇଥିଲା। ସେଠାରୁ ପୁନର୍ବାର ପ୍ରତିଯୋଗୀମାନେ ଇନ୍‌ଡୋର ଷ୍ଟାଡିୟମକୁ ଫେରିଥିଲେ। ବାଳକ ବର୍ଗରେ ଭୀମସେନ ଜାଙ୍ଗା, ରୋସନ ମିଞ୍ଜ ଓ ରାମାଇ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିଲେ। ସେହିପରି ବାଳିକା ବର୍ଗରେ ସବିତା ମହାନ୍ତି, ଶ୍ୱେତା କୁଜୁର ଓ ପ୍ରିୟଙ୍କା ଟପ୍ପୋ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନରେ ରହିଛନ୍ତି। ଭୁବନେଶ୍ୱରରେ ହେବାକୁ ଥିବା ହକି ବିଶ୍ୱ ବିଶ୍ୱକପ୍‌ର ପ୍ରଚାର ଓ ପ୍ରସାର ଉଦ୍ଦେଶ୍ୟରେ ବିଭିନ୍ନ ଜିଲାରେ ଏହି ମିନି ମାରାଥନ ଆୟୋଜନ କରାଯାଇଛି। କଟକରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସିଏମ୍‌ସି ମେୟର ମୀନାକ୍ଷୀ ବେହେରା, କର୍ପୋରେଟର ରଞ୍ଜନ ବିଶ୍ୱାଳ, ରମ୍‌ଜାନ ଖାନ, ଜିଲା ପ୍ରଶାସନର ବିଭିନ୍ନ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ। ଜିଲା କ୍ରୀଡା ଅଧିକାରୀ ରଶ୍ମିରଞ୍ଜନ ସାମନ୍ତରାୟ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

କଣ୍ଟାପଡା ବ୍ଲକରେ ବିଜୁ ଯୁବବାହିନୀ ପକ୍ଷରୁ ମିନି ମାରାଥନ ରବିବାର ଅନୁଷ୍ଠିତ ହୋଇଯାଇଛି। କଣ୍ଟାପଡ଼ା ବ୍ଲକ ବିଜୁ ଯୁବବାହିନୀ ସଂଯୋଜକ ବିମାନ ବିହାରୀ ବେହେରାଙ୍କ ନେତୃତ୍ୱରେ ଆୟୋଜିତ ଏହି ମିନି ମାରାଥନକୁ ପଞ୍ଚାୟତ ସମିତି ଅଧ୍ୟକ୍ଷା ସ୍ମିତାରାଣୀ ସ୍ୱାଇଁ ଓ ଉପାଧ୍ୟକ୍ଷ ସୁଦର୍ଶନ ରାଉତରାୟ ଉଦ୍‌ଘାଟନ କରିଥିଲେ। ବିଜୁ ଯୁବ ବାହିନୀର ସଦସ୍ୟମାନେ ବାଗଲପୁରଠାରୁ ମାରାଥନରେ ଭାଗନେଇ କଣ୍ଟାପଡା ବ୍ଲକ ପର୍ଯ୍ୟନ୍ତ ଆସିଥିଲେ। ବ୍ଲକ ପରିସରରେ ବିଡିଓ କେ. ଅଶୋକ କୁମାର ଏହି ମାରାଥନକୁ ସ୍ୱାଗତ କରିଥିଲେ। ସେହିପରି ଖୁଣ୍ଟୁଣୀ ପଞ୍ଚାୟତ ବିଜୁ ଯୁବବାହିନୀ ପକ୍ଷରୁ ଗଣଦୌଡ ଅନୁଷ୍ଠିତ ହୋଇଥିଲା। ଏହି ଗଣଦୌଡ ଖୁଣ୍ଟୁଣୀ ହାଇସ୍କୁଲଠାରୁ ପଥରକଟା ରାଜା ଆଠଗଡ ପ୍ରକଳ୍ପ ବିଦ୍ୟାଳୟ ପର୍ଯ୍ୟନ୍ତ ଯାଇଥିବାବେଳେ ଏଥିରେ ଶତାଧିକ ଯୁବକ, ବାଳିକା ଓ ବାଳକ ଯୋଗଦେଇଥିଲେ। ଏହି ଦୌଡରେ ସ୍ୱସ୍ତିକ ନନ୍ଦ ପ୍ରଥମ, ବିଶ୍ୱଜିତ୍ ପ୍ରଧାନ ଦ୍ୱିତୀୟ ଓ ସଞ୍ଜୟ ଦେହୁରୀ ତୃତୀୟ ସ୍ଥାନ ଅଧିକାର କରି ଟ୍ରଫି ହାସଲ କରିଥିଲେ।



ପ୍ରାଚୁର୍ଯ୍ୟରେ ଥିଲାବେଳେ ହିଁ ଜଣାପଡ଼ିବ ଲୋକଟି କିଭଳି ଖରାପ।
- ଜନ୍ କାସ୍‌ପର୍ ଲାଭାଟର



## ସଂକ୍ଷେପରେ

### ଆହତ ଯୁବକଙ୍କ ମୃତ୍ୟୁ

**ଖୋର୍ଦ୍ଧା ଅଫିସ,୨୫।୧୧:** ଖୋର୍ଦ୍ଧା ଜିଲା ଜଙ୍କିଆ ଥାନାର ଗୋଲବାଇ ଗାଁ ନିକଟରେ ସଡ଼କ ଦୁର୍ଘଟଣାରେ ଆହତ ହୋଇ ଚିକିତ୍ସାଧୀନ ଥିବା ଜଟଣୀ ଥାନା ତିରିମଲ୍ଲ ଗାଁର ନିରଞ୍ଜନ ଭୁଜବଳ(୨୨)ଙ୍କର ଶନିବାର ମୃତ୍ୟୁ ହୋଇଛି। ନିରଞ୍ଜନ ଗତ ୨୩ ତାରିଖ ରାତିରେ ବାଇକ୍ ଯୋଗେ ଗୋଲବାଇ ଗାଁକୁ ଯାଉଥିଲେ। ଗାଁ ନିକଟସ୍ଥ ଏକ ଗଛରେ ନିରଞ୍ଜନଙ୍କ ବାଇକ୍ ଧକ୍କା ହୋଇଥିଲା। ସ୍ଥାନୀୟ ଲୋକ ନିରଞ୍ଜନଙ୍କୁ ଖୋର୍ଦ୍ଧା ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ଅବସ୍ଥାରେ ଉନ୍ନତି ନ ଆସିବାରୁ କଟକ ବଡ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଅବସ୍ଥାରେ ଉନ୍ନତି ନ ଆସିବାରୁ ଅଲଗା ଡାକ୍ତରଖାନାକୁ ନେବାକୁ ପରିବାର ପକ୍ଷରୁ ଯୋଜନା କରି ସ୍ଥାନାନ୍ତର କରାଯାଉଥିବାବେଳେ ବାଟରେ ପ୍ରାଣ ହରାଇଥିଲେ। ଜଙ୍କିଆ ଥାନାରେ ନଂ. ୧୭୬/୧୮ରେ ମାମଲା ରୁଜୁ ହୋଇଛି। ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି।

### ସିକୋରେ ମୁକ୍ତ ମଞ୍ଚ ନାଟକ ପରିବେଷଣ

**ବେଗୁନିଆ,୨୫।୧୧(ଡି.ଏନ.ଏ.):** ପ୍ରତିବର୍ଷ ଭଳି ଚଳିତ ବର୍ଷ ଛାଡଖାଇ ଅବସରରେ ବେଗୁନିଆ ବ୍ଲକ ସିକୋ ଗ୍ରାମସ୍ଥିତ ତାରେଶ୍ୱର ଦେବଙ୍କ ପୀଠ ପରିସରରେ ଶନିବାର ରାତିରେ ମୁକ୍ତ ମଞ୍ଚ ନାଟକ 'ସୁଖ କିଣା ଏଠି ଦୁଃଖ ମାଗଣା' ପରିବେଷଣ ହୋଇଥିଲା। ମା' ଜାଗେଶ୍ୱରୀ କଳା ପରିଷଦର କଳାକାରଙ୍କୁ ନେଇ ଅନୁଷ୍ଠିତ ନାଟକକୁ ସନାତନ ମାଝି ନିର୍ଦ୍ଦେଶନା ଦେଇଥିବା ବେଳେ ବୈକୁଣ୍ଠନାଥ ସେଠୀ ସହାୟତା କରିଥିଲେ। ନାଟକ ମଞ୍ଚସ୍ଥ ପୂର୍ବରୁ ପଦାରବିନ୍ଦ ରାୟଙ୍କ ଅଧ୍ୟକ୍ଷତାରେ ସଭା ହୋଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ ଦେବରାଜ ସେନାପତି, ବକ୍ତା ଭାବେ କୃଷ୍ଣଚନ୍ଦ୍ର ବାରିକ ଏବଂ ସମ୍ମାନିତ ଅତିଥି ଭାବେ ବୃନ୍ଦା ନରେନ୍ଦ୍ର ଯୋଗ ଦେଇଥିଲେ। ବାଉରୀବନ୍ଧୁ ପାତ୍ର କାର୍ଯ୍ୟକ୍ରମକୁ ପରିଚାଳନା କରିଥିବା ବେଳେ ଚିତ୍ତରଞ୍ଜନ ସେଠୀ ଧନ୍ୟବାଦ ଦେଇଥିଲେ।

### ରାଜପୁତ ସଂଘର ବାର୍ଷିକ ଅଧିବେଶନ

**ବୋଲଗଡ଼,୨୫।୧୧(ଡି.ଏନ.ଏ.) :** ବୋଲଗଡ଼ ଉପକଣ୍ଠସ୍ଥ ମା' ଭୂଇଁୟାଣୀ'ଙ୍କ ପୀଠରେ ରବିବାର ରାଜପୁତ ସଂଘର ୪ର୍ଥ ବାର୍ଷିକ ଅଧିବେଶନ ଅନୁଷ୍ଠିତ ହୋଇଯାଇଛି। ସଂଘର ବ୍ଲକ୍ ଶାଖା ପକ୍ଷରୁ ଏ ଅବସରରେ ଏକ ଶୋଭାଯାତ୍ରା ପାରମ୍ପରିକ ସମରକଳା ପ୍ରଦର୍ଶନ କରି ବୋଲଗଡ଼ ଗ୍ରାମ ପରିକ୍ରମାପୂର୍ବକ ମା' ଭୂଇଁୟାଣୀଙ୍କ ପୀଠରେ ପହଞ୍ଚିଥିଲା। ଅଧିବେଶନରେ ସଂଗଠନର କେନ୍ଦ୍ରୀୟ ସଭାପତି ନଗେନ୍ ସିଂହ, ରାଜ୍ୟ ସମ୍ପାଦକ ସୁକାନ୍ତ ସିଂହ ଓ କୋଷାଧ୍ୟକ୍ଷ ବିନୋଦ ବିହାରୀ ରାମ ପ୍ରମୁଖ ଭାରତରେ ରାଜପୁତ ଜାତିର ବୀରତ୍ୱଭରା ଐତିହ୍ୟକୁ ସ୍ମରଣ କରିଥିଲେ । ବ୍ଲକ୍ ଶାଖା ସଭାପତି ଲଲାଟେନ୍ଦୁ କେଶରୀ ସିଂହ, ସମିତି ସଭ୍ୟ ଆଡ୍‌ଭୋକେଟ ବୀରକିଶୋର ଦାସ, ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ନରେନ୍ଦ୍ର ଦାସ ଓ ଡା. ଶିବ ପ୍ରସାଦ ସିଂହ ପ୍ରମୁଖ ନିଜ ନିଜର ପ୍ରସ୍ତାବ ଉପସ୍ଥାପନ କରିଥିଲେ ।

### ଦୋକାନରୁ ଚୋରି

**ଯାଁଳା,୨୫।୧୧(ଡି.ଏନ.ଏ.):** ଜଟଣୀ ଥାନା ଅନ୍ତର୍ଗତ ଯାଁଳା ଫାଣ୍ଡି ନିକଟ ବଜାରରେ ଥିବା ଭୋଗ ଦୋକାନରୁ ଶନିବାର ବିଳମ୍ବିତ ରାତ୍ରିରେ ଚୋରି ହୋଇଛି। ଦୁର୍ବୃତ୍ତମାନେ ଦୋକାନରେ ପଡିଥିବା ୩ଟି ତାଲାକୁ ଭାଙ୍ଗି ପ୍ରାୟ ୧୬ ହଜାର ଟଙ୍କା ସହ ଆସବାବପତ୍ର ଚୋରି କରି ନେଇଛନ୍ତି। ଦୋକାନର ମାଲିକ ବିରଞ୍ଚି ମାହାପାତ୍ର ରବିବାର ସକାଳେ ଦୋକାନ ଖୋଲିବାରେ ଚୋରି ସମ୍ପର୍କରେ ଜାଣିବାକୁ ପାଇଥିଲେ। ଏ ନେଇ ସେ ଯାଁଳା ଫାଣ୍ଡିରେ ଲିଖିତ ଅଭିଯୋଗ କରିଛନ୍ତି।

### ସାଂଗଠନିକ ବୈଠକ

**ବୋଲଗଡ଼,୨୫।୧୧(ଡି.ଏନ.ଏ.):** ବୋଲଗଡ଼ ବ୍ଲକ୍ ପଞ୍ଚୁକୋଟସ୍ଥିତ ମା' ରାମଚଣ୍ଡୀଙ୍କ ପୀଠରେ ରବିବାର ଏକ ସାଂଗଠନିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଯୁବନେତା କୃଷ୍ଣଚନ୍ଦ୍ର ବାରିକଙ୍କ ନେତୃତ୍ୱରେ ଆୟୋଜିତ ବୈଠକରେ ସେ 'ଆମ ଗାଁ ପୁଅ ଆମର ନେତା' ହେବା ପାଇଁ ଆହ୍ୱାନ ଦେଇଥିଲେ। ଶାନ୍ତିପୂର୍ଣ୍ଣ ରାଜନୈତିକ ବାତାବରଣ ଓ ସ୍ୱଚ୍ଛତା ଉପରେ ଗୁରୁତ୍ୱ ଦେଇ ନେତୃବୃନ୍ଦ ଜନ ସାଧାରଣଙ୍କ ନିକଟତର ହୋଇପାରିଲେ ଅଞ୍ଚଳର ପ୍ରକୃତ ବିକାଶ ହୋଇପାରିବ ବୋଲି ସେ କହିଥିଲେ। ସ୍ଥାନୀୟ ଅଞ୍ଚଳରୁ ତାଙ୍କର ଶତାଧିକ ସମର୍ଥକ ଏଥିରେ ଯୋଗଦେଇଥିଲେ ।

# ରାଶନ କାର୍ଡ ଲୋଭ ବଢ଼ାଉଛି ଗରିବୀ

- ଗରିବ ପାଇଁ ଚାଲିଛି ପ୍ରତିଯୋଗିତା
- ହୋଇପାରୁନି ଠିକ୍ ମନିଟରିଂ

**ଖୋର୍ଦ୍ଧା ଅଫିସ,୨୫।୧୧**

ରାଶନ କାର୍ଡ ନେବାର ଲୋଭ ଖୋର୍ଦ୍ଧା ଜିଲାରେ ବଢ଼ାଇ ଚାଲିଛି ଗରିବୀ। ଠିକ୍ ମନିଟରିଂରେ ବାଧକ ସାଜୁଛି ଭୋଟ ରାଜନୀତି ବୋଲି ଅଭିଯୋଗ ହେଉଛି। ଏଣୁ ଗରିବଙ୍କ ନାଁରେ କେନ୍ଦ୍ରୀୟ ଅଥବା ରାଜ୍ୟ ସରକାରଙ୍କ ଯୋଜନାକୁ ଅନ୍ୟମାନେ ଉପଭୋଗ କରି ଚାଲିଛନ୍ତି। ଯାହାଦ୍ୱାରା ଧନୀ ଲୋକମାନେ ଫନ୍ଦିଫିକର କରି ନିଜକୁ ଗରିବ ଦେଖାଇ ରାଶନ କାର୍ଡ ହାତେଇ ନେଉଛନ୍ତି। ଖୋର୍ଦ୍ଧା ଜିଲାରେ ଗରିବ ହେବା ପାଇଁ ଏକ ପ୍ରକାରର ପ୍ରତିଯୋଗିତା ଚାଲିଛି। ୨୦୧୧ ଜନଗଣନା ଅନୁସାରେ ଖୋର୍ଦ୍ଧା ଜିଲାର ୨୨, ୫୧, ୬୭୩ ଲୋକ ଅଛନ୍ତି। ଏଥିରୁ ୧୪, ୧୩, ୦୩୦ ଜଣ ଜାତୀୟ ଖାଦ୍ୟ ସୁରକ୍ଷା ଆଇନ(ଏନ୍‌ଏଫ୍‌ଏସ୍‌ଏ)ରେ ଉପକୃତ ହେଉଛନ୍ତି। ଏବେ ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନା (ଏସ୍‌ଏଫଏସ୍‌ଏସ୍)ରେ ୧, ୧୫, ୬୮୦ ଉପକୃତ ହେବାର ଟାର୍ଗେଟ ଅଛି। ଭୋକିଲା କେହି ରହିବେନି ଉଦ୍ଦେଶ୍ୟ ନେଇ ଚାଲୁ ରହିଥିବା ଏହି ଦୁଇ ଯୋଜନାରେ ୧୫ ଲକ୍ଷ ୨୮ ହଜାର ୭୧୦ ଲୋକ ସାମିଲ ହୋଇଛନ୍ତି। ତଥାପି ଗରିବୀ ହଟିଲାନି। ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନା ଚାଲୁ ପରେ ବି ପ୍ରତିଦିନ କେହି ନା କେହି ଖାଉଟି କାର୍ଡ ପାଇବାକୁ ଜିଲାପାଳଙ୍କ ଅଫିସରେ ଆସି ଫେରାଦ ହେଉଛନ୍ତି।

ଜାତୀୟ ଖାଦ୍ୟ ସୁରକ୍ଷା ଆଇନ ୨୦୧୩ ଆଧାରରେ ଜିଲାର ଲୋକସଂଖ୍ୟା ୨୨, ୫୧, ୬୭୩ ମଧ୍ୟରୁ ୨୦, ୫୬, ୬୯୬ ଜଣ ଖାଉଟି କାର୍ଡ ପାଇବାକୁ ସେ ସମୟରେ ଆବେଦନ କରିଥିଲେ। ଏମାନଙ୍କ ମଧ୍ୟରୁ ୩, ୭୩, ୬୯୬ ପରିବାରର ୧୪ ଲକ୍ଷ ୧୩ ହଜାର ୦୩୦ ଜଣ ଜାତୀୟ ଖାଦ୍ୟ ସୁରକ୍ଷା ଆଇନରେ ଉପକୃତ ହେଉଛନ୍ତି। ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନାରେ ୧, ୧୫, ୬୮୦ ଲୋକ ଉପକୃତ ହେବାର ଖୋର୍ଦ୍ଧା ଜିଲା ପାଇଁ ଟାର୍ଗେଟ ଆସିଛି। ଆବେଦନ କରିଥିବା ୫୩, ୮୭୦ ପରିବାରରୁ ପ୍ରଥମ ପର୍ଯ୍ୟାୟରେ ୧୯, ୦୪୬ ପରିବାରର ୬୩, ୬୭୪ ଲୋକଙ୍କୁ ସାମିଲ କରାଯାଇଛି। ଏଥିରେ ବାଲିଅନ୍ତା ବ୍ଲକର ୯୫୩, ବାଲିପାଟଣାରେ ୯୨୧ ପରିବାର ଉପକୃତ ହେବାର ରହିଛି। ସେହିଭଳି ବାଲୁଗାଁ ଏନଏସିର ୨୪୭, ବାଣପୁରରେ ୨୧୭୩, ବାଣପୁର ଏନ୍‌ଏସିର ୩୬୪, ବେଗୁନିଆରେ ୧୩୮୬, ଭୁବନେଶ୍ୱରରେ ୫୩୩, ଭୁବନେଶ୍ୱର ମ୍ୟୁନିସିପାଲିଟି କର୍ପୋରେଶନର ୨୯୧୬, ବୋଲଗଡରେ ୧୯୮୬, ଚିଲିକାରେ ୧୬୫୦, ଜଟଣୀରେ ୮୨୯, ଜଟଣୀ ମ୍ୟୁନିସିପାଲିଟିର ୬୪୭, ଖୋର୍ଦ୍ଧାରେ ୧୮୫୬, ଖୋର୍ଦ୍ଧା ମ୍ୟୁନିସିପାଲିଟିର ୪୩୪, ଟାଙ୍ଗୀ ବ୍ଲକର ୨୧୫୧ ଅନୁରୂପ ଭାବେ ପ୍ରଥମ ପର୍ଯ୍ୟାୟରେ ଉପକୃତ ହୋଇଛନ୍ତି। ଏବେ ବି କାର୍ଡ ବଣ୍ଟନ କାର୍ଯ୍ୟକ୍ରମ ଚାଲୁ ରହିଛି। ଅଧିକାଂଶ ହିତାଧିକାରୀ ଡିଲର ପଏଣ୍ଟ, ପଞ୍ଚାୟତ କାର୍ଯ୍ୟାଳୟରୁ କେବଳ ରାଶନ ଉପକରଣ କାଗଜ କଲମରେ ଉଠାଉଛନ୍ତି। ମାସ ଶେଷରେ ସେମାନଙ୍କୁ ସେମାନଙ୍କ ପ୍ରାପ୍ୟ ମିଳୁଛି। କେହି କେହି ସାମଗ୍ରୀ ଉଠାଇ ବଜାରରେ ବିକ୍ରି କରି ଦେଉଛନ୍ତି। କେତେଜଣ ଲୋକ ଏହାକୁ ଘରକୁ ନେଉଛନ୍ତି। ତେବେ ୧ ଟଙ୍କାରେ ଚାଉଳ ମିଳିବା ଦିନଠାରୁ ଲୋକମାନେ ଅଳସୁଆ ହୋଇ ପଡିଥିବା ଲକ୍ଷ୍ୟ କରାଯାଉଛି। ଲୋକଙ୍କ ହିତ ପାଇଁ ଯୋଜନା କରିଥିବା ସରକାର ଦେଶର କ୍ଷତି କରି ଚାଲିଛନ୍ତି।



ଜଟଣୀରେ ଅନୁକୂଳଚନ୍ଦ୍ରଙ୍କର ଆବିର୍ଭାବ ଦିବସ ଅବସରରେ ଉଷାକୀର୍ତ୍ତନ।

## ଅନୁକୂଳଚନ୍ଦ୍ରଙ୍କର ଆବିର୍ଭାବ ମହୋତ୍ସବ

**ଜଟଣୀ, ୨୫।୧୧(ଡି.ଏନ.ଏ)**

ଅନୁକୂଳଚନ୍ଦ୍ରଙ୍କର ୧୩୧ ତମ ଆବିର୍ଭାବ ମହୋତ୍ସବ ଓ ଜଟଣୀ ସତ୍‌ସଙ୍ଗ ବିହାର ପ୍ରତିଷ୍ଠା ଦିବସ ରବିବାର ଅନୁଷ୍ଠିତ ହୋଇଥିଲା। ସ୍ଥାନୀୟ ସତ୍‌ସଙ୍ଗ ବିହାର ପରିସରରେ ଆୟୋଜିତ ମହୋତ୍ସବ ପରିପ୍ରେକ୍ଷୀରେ ଉଷାକୀର୍ତ୍ତନ, ସଦ୍‌ଗ୍ରନ୍ଥ ପାଠ, ସଙ୍ଗୀତାଞ୍ଜଳି, ଅନୁକୂଳଚନ୍ଦ୍ରଙ୍କର ଶ୍ରୀବିଗ୍ରହ ନଗର ପରିକ୍ରମା, ମାତୃ ସମ୍ମିଳନୀ, ସତ୍‌ସଙ୍ଗ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଆଦି ଆୟୋଜିତ ହୋଇଥିଲା। ଅନୁଷ୍ଠିତ ଏକ ଆଧ୍ୟାତ୍ମିକ ସଭାରେ ଡ. ବିଜୟ କୁମାର ପରିଡା, ସହପ୍ରତି ଋତ୍ୱିକ ନରେନ୍ଦ୍ର ମହାପାତ୍ର, ସୁଦର୍ଶନ ସାହୁ, ଯୁଧିଷ୍ଠିର ସାମଲ ପ୍ରମୁଖ ତାଙ୍କ ବକ୍ତବ୍ୟରେ ସାମ୍ପ୍ରତିକ ପରିସ୍ଥିତିରେ ଆଧ୍ୟାତ୍ମିକ ଚିନ୍ତନ ଓ ସତ୍‌ସଙ୍ଗର ଉପକାରିତା ଉପରେ କହିଥିଲେ। ସତ୍‌ସଙ୍ଗ ବିହାରର ଅଧ୍ୟକ୍ଷ ଦୀନବନ୍ଧୁ ମିଶ୍ର ଓ ଅନ୍ୟମାନଙ୍କ ଦ୍ୱାରା ଏହା ଆୟୋଜିତ ହୋଇଥିଲା।

## ବରିଷ୍ଠ ନାଗରିକ ମଞ୍ଚ ବାର୍ଷିକ ଉତ୍ସବ



ମଞ୍ଚର ମୁଖପତ୍ର 'ବରିଷ୍ଠ'କୁ ଅତିଥିମାନେ ଉନ୍ମୋଚନ କରୁଛନ୍ତି।

**ଜଟଣୀ,୨୫।୧୧(ଡି.ଏନ.ଏ)**

ଜଟଣୀ ବରିଷ୍ଠ ନାଗରିକ ମଞ୍ଚର ସପ୍ତମ ବାର୍ଷିକ ଉତ୍ସବ ସ୍ଥାନୀୟ ଉତ୍ତରାୟଣୀ କ୍ଲବ ପରିସରରେ ରବିବାର ଅନୁଷ୍ଠିତ ହୋଇଥିଲା। ମଞ୍ଚର ସଭାପତି ପ୍ରଫୁଲ୍ଲ କୁମାର ବିଶ୍ୱାଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ପୂର୍ବତନ ବିଧାୟକ ବିଭୂତି ଭୂଷଣ ବଳବନ୍ତରାୟ, ଖୋର୍ଦ୍ଧା ଜିଲା ପରିଷଦ ସଭାପତି ପ୍ରଫୁଲ୍ଲ କୁମାର ଦଳେଇ, ନିଖିଳ ଉତ୍କଳ ବରିଷ୍ଠ ନାଗରିକ ମହାସଂଘର ସଭାପତି କୃପାସିନ୍ଧୁ ସାହୁ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ବରିଷ୍ଠ ନାଗରିକମାନେ ସେମାନଙ୍କ ବୟସ ଅଧିକ ହେବା ସତ୍ତ୍ୱେ ଯେଉଁପରି ଭାବେ ବିଭିନ୍ନ ଜନକଲ୍ୟାଣକାରୀ ଓ ସଚେତନତା ମୂଳକ କାର୍ଯ୍ୟକ୍ରମ କରୁଛନ୍ତି ତାହା ଯୁବପିଢ଼ି ପାଇଁ ପ୍ରେରଣାର ଉତ୍ସ ହୋଇଛି ବୋଲି ଅତିଥିମାନେ ବକ୍ତବ୍ୟରେ କହିଥିଲେ। ସମ୍ପାଦକ ରବୀନ୍ଦ୍ର ପ୍ରସାଦ ମିଶ୍ର ବିବରଣୀ ପାଠ କରି ମଞ୍ଚ ପକ୍ଷରୁ ଧାରାବାହିକ ଭାବେ ଜଟଣୀରେ କରାଯାଉଥିବା ବିଭିନ୍ନ ସାମାଜିକ କାର୍ଯ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ଏଥିସହ ବରିଷ୍ଠ ନାଗରିକମାନଙ୍କ ପାଇଁ କେତେକ ଦାବି ଅତିଥିମାନଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ବାର୍ଦ୍ଧକ୍ୟ ଭତ୍ତା ମାସିକ ୨ ହଜାର ଟଙ୍କା, ସରକାରୀ ଘରୋଇ ବସ୍‌ରେ ରିହାତି ଓ ସ୍ଥାନ ସଂରକ୍ଷଣ, ବରିଷ୍ଠ ନାଗରିକ ଅନୁଷ୍ଠାନକୁ ଜମି ଯୋଗାଣ ଓ ଗୃହ ନିର୍ମାଣ ପାଇଁ ସହାୟତା, ଡାକ୍ତରଖାନାରେ ମାଗଣା ଚିକିତ୍ସା ସୁବିଧା ଆଦି ଦାବି ଉପସ୍ଥାପନ କରିଥିଲେ। ମଞ୍ଚର ମୁଖପତ୍ର 'ବରିଷ୍ଠ'କୁ ଅତିଥିମାନେ ଉନ୍ମୋଚିତ କରିଥିଲେ। ଏହି ପରିପ୍ରେକ୍ଷୀରେ ବିଭିନ୍ନ ବର୍ଗର ବ୍ୟକ୍ତିବିଶେଷଙ୍କୁ ସମ୍ବର୍ଦ୍ଧିତ କରାଯିବା ସହ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ବିଶିଷ୍ଟ ବ୍ୟକ୍ତିତ୍ୱ ମଧ୍ୟରେ ସାମାଜିକ କର୍ମୀ ରାଜକିଶୋର ଶତପଥୀ, କବିରାଜ ଧୋବା ମୁଦୁଲି, ଖବରଦାତା ଶ୍ରୀକାନ୍ତ ପରିଜା, ମଞ୍ଚର ବରିଷ୍ଠ ସଭ୍ୟ ଭାବେ ନାଟ୍ୟକାର ଗୋପାଳ ଦେ ଓ ହରିବନ୍ଧୁ ବେହେରା ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

## ମତ୍ସ୍ୟଚାଷ ଋଣ ପ୍ରଦାନରେ ଦୁର୍ନୀତି ଅଭିଯୋଗ

**କୃଷ୍ଣପ୍ରସାଦ, ୨୫।୧୧ (ଡି.ଏନ.ଏ.):** ଲୋକଙ୍କୁ ସ୍ୱାବଲମ୍ବୀ କରିବା ପାଇଁ ବ୍ୟବସାୟ, ଚାଷ ଆଦି ବିଭିନ୍ନ କାର୍ଯ୍ୟ କରିବା ନିମନ୍ତେ ରାଜ୍ୟ ସରକାର ଋଣ ପ୍ରଦାନ କରୁଛନ୍ତି। ତେବେ କୃଷ୍ଣପ୍ରସାଦ ବ୍ଲକ୍‌ର କିଛି ସ୍ୱୟଂ ସହାୟକ ଗୋଷ୍ଠୀ ପୋଖରୀ ନ ଥାଇ, ତଥାପି ଦୁର୍ନୀତି ଉପାୟରେ କେତେଜଣ ବିଭାଗୀୟ ବ୍ଲକ୍ ଅଧିକାରୀଙ୍କୁ ହାତକରି ମତ୍ସ୍ୟଚାଷ ଋଣ ନେଇଥିବା ଅଭିଯୋଗ ହୋଇଛି। ଉଲ୍ଲେଖଯୋଗ୍ୟ କି, ମତ୍ସ୍ୟଚାଷ ନିମନ୍ତେ ୫୦ ପ୍ରତିଶତ ଋଣଛାଡ ହୋଇଥାଏ। ଏନେଇ ଇନ୍ଦିରା ସ୍ୱୟଂ ସହାୟକ ଗୋଷ୍ଠୀ, ମା'ମଙ୍ଗଳା ସ୍ୱୟଂ ସହାୟକ ଗୋଷ୍ଠୀ ଏବଂ ମା' ଗଜଲକ୍ଷ୍ମୀ ସ୍ୱୟଂ ସହାୟକ ଗୋଷ୍ଠୀ ବିଡିଓ ଅଶୋକ କୁମାର ମହାନ୍ତିଙ୍କ ନିକଟରେ ଗତ ୧୯ ତାରିଖରେ ଅଭିଯୋଗ କରିଛନ୍ତି । ପାଣିହଣ୍ଡା ପୋଖରୀ, ଭେଟି ପୋଖରୀ ଏବଂ ଶୁଣ୍ଢି ପୋଖରୀକୁ ଲିଜ୍‌ରେ ଆଣି ବ୍ଲକ୍‌ର କିଛି ସ୍ୱୟଂ ସହାୟକ ଗୋଷ୍ଠୀ ଚତୁରତାର ସହ ଋଣ ପାଇଥିବା ଜଣାପଡ଼ିଛି। ଏ ସମ୍ପର୍କରେ ବିଡିଓ ମହାନ୍ତି କହିଛନ୍ତି ଯେ, ତାଙ୍କ ପାଖକୁ ଏକ ଅଭିଯୋଗ ଆସିଛି । ସୋମବାର ଏ ନେଇ ତଦନ୍ତ ଆରମ୍ଭ କରିବେ।



ପି.ଏନ. କଲେଜରେ ଏନସିସି ଦିବସ ଲାଗି ଅନୁଷ୍ଠିତ ସାଂସ୍କୃତିକ କାର୍ଯ୍ୟକ୍ରମ।

## ସାଂସ୍କୃତିକ କାର୍ଯ୍ୟକ୍ରମ ଲୋକଙ୍କ ମନ ମୋହିଲା

**ଖୋର୍ଦ୍ଧା ଅଫିସ,୨୫।୧୧**

ଖୋର୍ଦ୍ଧା ପି.ଏନ. କଲେଜର ଏନସିସି ଡେ ଓ ସମାବେଶ ରବିବାର ଅନୁଷ୍ଠିତ ହୋଇଯାଇଛି। ଏହାକୁ ସେଣ୍ଟ୍ରାଲ ରେଞ୍ଜ ଆଇଜି ସୌମେନ୍ଦ୍ର ପ୍ରିୟଦର୍ଶୀ ଉଦ୍‌ଘାଟନ କରିଥିଲେ। ଏଥିରେ ପୂର୍ବତନ ଏନ୍‌ସିସି ମହାନିର୍ଦ୍ଦେଶକ ଲଳିତ କୁମାର ଅଗ୍ରୱାଲ, ପୂର୍ବତନ ଏସ୍‌ପି ଦେବ ପ୍ରସାଦ ମଜୁମଦାର, ଉତ୍ତର ଓଡିଶା ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ମେଜର କ୍ଷୀରୋଦ ପ୍ରସାଦ ମହାନ୍ତି, ପୂର୍ବତନ ଖୋର୍ଦ୍ଧା ବିଧାୟକ ଜିତୁ ମିତ୍ର, ପି.ଏନ. କଲେଜ ଅଧ୍ୟକ୍ଷ ବିଦ୍ୟାଧର ବେହେରା, ପୂର୍ବତନ ଅଧ୍ୟକ୍ଷମାନେ, ବିଭିନ୍ନ କଲେଜର ଅଧ୍ୟକ୍ଷ ପ୍ରମୁଖ ଯୋଗ ଦେଇଥିଲେ। ସମାବେଶରେ ପୂର୍ବତନ ଏନ୍‌ସିସି କ୍ୟାଡେଟ ପୋଲିସ ଇନ୍ସପେକ୍ଟର ଅଞ୍ଜଳି ଛୋଟରାୟ, ଇଞ୍ଜିନିୟର ତଥା ସାମାଜିକ କର୍ମୀ ଶମ୍ଭୁଦତ୍ତ ସ୍ୱାଇଁ, ପୂର୍ବତନ ଛାତ୍ରନେତା ବସନ୍ତ ବରାଳ ଓ କେନ୍ଦ୍ର ସରକାରଙ୍କ କର୍ମଚାରୀ ପ୍ରୀତମ ରାଉତରାୟଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଅନ୍ୟପକ୍ଷେ ଏନ୍‌ସିସି କ୍ୟାଡେଟ ଓ ପୂର୍ବତନ କ୍ୟାଡେଟ୍‌ଙ୍କ ପକ୍ଷରୁ ସମୂହ ଓଡିଶୀ ନୃତ୍ୟ, ସାଂସ୍କୃତିକ କାର୍ଯ୍ୟକ୍ରମ ଓ ପାଇକ ଆଖଡା ପ୍ରଦର୍ଶନ କରାଯାଇଛି। ଏହାକୁ ମେଜର ଦୁଷ୍ମନ୍ତ ରାଉତରାୟ ଓ କ୍ୟାପଟେନ ମିନତି ପଟ୍ଟନାୟକ ପରିଚାଳନା ଏବଂ ଲ୍ୟୁଟନାଣ୍ଟ ଅସୀମା ଶତପଥୀ ଧନ୍ୟବାଦ ଦେଇଥିଲେ।

### ଏନ୍‌ସିସି ଦିବସ ପାଳିତ

**ନିରାକାରପୁର,(ଡି.ଏନ.ଏ.):** ନିରାକାରପୁର ପଞ୍ଚାୟତସ୍ଥିତ କ୍ଷେତ୍ରବାସୀ ଡିଏଭି ମହାବିଦ୍ୟାଳୟରେ ଛାତ୍ରୀମାନଙ୍କ ଦ୍ୱାରା ୭୧ ତମ ଏନ୍‌ସିସି ଦିବସ ପାଳିତ ହୋଇଯାଇଛି। ରବିବାର ମହାବିଦ୍ୟାଳୟର ଖେଳ ପଡ଼ିଆଠାରେ ପରେଡ୍ ଆୟୋଜିତ ହୋଇଥିଲା। ଏନ୍‌ସିସି ଅଧିକାରୀ ଲ୍ୟୁଟ୍‌ନାଣ୍ଟ ଲକ୍ଷ୍ମୀପ୍ରିୟା ଚାନ୍ଦ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଅଧ୍ୟାପକ କୈଳାସ ଚନ୍ଦ୍ର ତ୍ରିପାଠୀ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ୪୫ ଛାତ୍ରୀ ପରେଡ୍‌ରେ ଯୋଗ ଦେଇଥିଲେ।

■ ନବବଧୂଙ୍କ ମୃତଦେହ ଜବତ, ବାପା ଆଣିଲେ ହତ୍ୟା ଅଭିଯୋଗ

## ଯୌତୁକ ପାଇଁ ମାରିଦେଲେ, ସ୍ୱାମୀ ଗିରଫ

**ବେଗୁନିଆ,୨୫।୧୧(ଡି.ଏନ.ଏ.)**

ବେଗୁନିଆ ଥାନା ବଡବେରଣା ପଞ୍ଚାୟତ ଗୋବିନ୍ଦପୁର ଗ୍ରାମରୁ ରବିବାର ସକାଳୁ ଜନୈକା ନବବଧୂଙ୍କ ମୃତଦେହକୁ ପୋଲିସ ଉଦ୍ଧାର କରିଥିଲା। ଏହା ହତ୍ୟା ନା ଆତ୍ମହତ୍ୟା ସେ ନେଇ ପୋଲିସ ସନ୍ଦେହରେ ପଡିଥିଲା। ମାତ୍ର ପୋଲିସର ପ୍ରାଥମିକ ତଦନ୍ତ ଓ ବଧୂଙ୍କ ବାପାଙ୍କ ଅଭିଯୋଗକୁ ଭିତ୍ତି କରି ଥାନାରେ ଯୌତୁକ ନିର୍ଯାତନା ଓ ହତ୍ୟା ମାମଲା ରୁଜୁ ହୋଇଛି। ଘଟଣାରେ ସ୍ୱାମୀ ସୁଦର୍ଶନ ଜେନାଙ୍କୁ ପୋଲିସ ଗିରଫ କରିଛି। ଆଇଆଇସି ରଶ୍ମି ରଞ୍ଜନ ସାହୁଙ୍କ ସୂଚନା ଅନୁସାରେ କଟକ ଜିଲା ବାଙ୍କୀ ଥାନା ବରପୁଟ ଗ୍ରାମର ମନମୋହନ ଖଟୁଆଙ୍କ ଝିଅ ଅନ୍ନପୂର୍ଣ୍ଣା ୨ ବର୍ଷ ପୂର୍ବେ ଗୋବିନ୍ଦପୁର ଗ୍ରାମର ଶଙ୍କର୍ଷଣ ଜେନାଙ୍କ ସାନ ପୁଅ ସୁଦର୍ଶନଙ୍କୁ ବୈଦିକ ରୀତିରେ ବିବାହ କରିଥିଲେ। ଦାବି ମୁତାବକ ଯୌତୁକ କନ୍ୟା ଘର ପକ୍ଷରୁ ଦିଆଯାଇଥିଲା। ବିବାହ ପରେ ଅଧିକ ଯୌତୁକ ପାଇଁ ପାରିବାରିକ କଳହ ଦେଖା ଦେଇଥିଲା। ଯୌତୁକ ଆଣିବାକୁ ଅନ୍ନପୂର୍ଣ୍ଣାଙ୍କୁ ଶାଶୁ ଘର ଲୋକେ ବାରମ୍ବାର ନିର୍ଯାତନା ଦେଉଥିଲେ। ଏଥିପାଇଁ ଅନେକାଂଶରେ ସ୍ୱାମୀ ସ୍ତ୍ରୀଙ୍କ ମଧ୍ୟରେ ମନୋମାଳିନ୍ୟ ହେବା ଦ୍ୱାରା ଉଭୟପକ୍ଷର ଭଦ୍ରଲୋକଙ୍କ ଉପସ୍ଥିତିରେ ସମାଧାନ ହୋଇଥିଲା। ଶନିବାର ରାତିରେ ଅନ୍ନପୂର୍ଣ୍ଣାଙ୍କୁ ଶାଶୁ ଘର ଲୋକେ ଶ୍ୱାସରୁଦ୍ଧ କରି ମାରି ଦେଇଛନ୍ତି ବୋଲି ବାପା ହତ୍ୟା ଅଭିଯୋଗ ଆଣିଛନ୍ତି। ଏ ନେଇ ନଂ. ୧୯୧/୧୮ରେ ମାମଲା ରୁଜୁ ହୋଇଛି। ରବିବାର ଅପରାହ୍ନରେ ଅନ୍ନପୂର୍ଣ୍ଣାଙ୍କ ମୃତଦେହକୁ ପୋଲିସ ବ୍ୟବଚ୍ଛେଦ କରାଇ ଶାଶୁ ଘର ଲୋକଙ୍କୁ ହସ୍ତାନ୍ତର କରିଛି। ବେଗୁନିଆ ଅତିରିକ୍ତ ତହସିଲଦାର ଜନ୍ମେଞ୍ଜୟ ସାହୁଙ୍କ ଉପସ୍ଥିତିରେ ସମସ୍ତ ଯୌତୁକ ଆସବାବପତ୍ରକୁ ପୋଲିସ ଉଦ୍ଧାର କରି ବାପଘର ଲୋକଙ୍କ ଜିମା ଦେଇଛି।

## ସାମାଜିକ କର୍ମୀଙ୍କ ପରଲୋକ

**ଖୋର୍ଦ୍ଧା ଅଫିସ,୨୫।୧୧:** ଖୋର୍ଦ୍ଧା କ୍ଲବର ଉପସଭାପତି ନିରୋଦ ରଞ୍ଜନ ନାୟକଙ୍କ ବିୟୋଗରେ ଖୋର୍ଦ୍ଧା କ୍ଲବ ପରିସରରେ ଶୋକସଭା ଅନୁଷ୍ଠିତ ହୋଇଯାଇଛି। କ୍ଲବର ବରିଷ୍ଠ ସଦସ୍ୟ ପ୍ରଫୁଲ୍ଲ ଚନ୍ଦ୍ର ମହାନ୍ତିଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଶୋକସଭାରେ ୨ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ସ୍ୱର୍ଗତ ନାୟକ ନିରବଚ୍ଛିନ୍ନ ଭାବେ ଦୀର୍ଘ ୨୦ ବର୍ଷ କ୍ଲବର ଉପସଭାପତି ଭାବେ ରହି କ୍ଲବର ସର୍ବାଙ୍ଗୀନ ଉନ୍ନତି କରିଥିଲେ। ଶନିବାର ନିରୋଦଙ୍କର ମୃତ୍ୟୁ ହୋଇଥିଲା।

## ସତ୍ୟସାଇ ବାବାଙ୍କ ଜନ୍ମ ଉତ୍ସବ



ଜଟଣୀରେ ସତ୍ୟସାଇ ସେବା ସମିତି ପକ୍ଷରୁ ସଂକୀର୍ତ୍ତନ।

**ଜଟଣୀ,୨୫।୧୧(ଡି.ଏନ.ଏ)**

ସତ୍ୟସାଇ ବାବାଙ୍କ ଜନ୍ମଦିନ ଉପଲକ୍ଷେ ଶୁକ୍ରବାର ଜଟଣୀ ରେଳଙ୍ଗ କଲୋନୀସ୍ଥିତ ସେବା ସମିତି ପକ୍ଷରୁ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏଥିପାଇଁ ୧୮ ତାରିଖ ରବିବାରଠାରୁ ୬ ଦିନ ପର୍ଯ୍ୟନ୍ତ ନଗର ସଂକୀର୍ତ୍ତନ, ଗ୍ରାମଗୁଡିକରେ ଦିବ୍ୟଦର୍ଶନ ଯାତ୍ରା, ବେଦପାଠ, ଭଜନ, ସତ୍‌ସଙ୍ଗ, ହୋମ ତଥା ବିଭିନ୍ନ ପୂଜାନୀତି ସମ୍ପନ୍ନ କରାଯାଇଥିଲା। ଏହାର ଆବାହକ ବଳରାମ ସାବତ, ହେମଚନ୍ଦ୍ର ପଟ୍ଟନାୟକ, ତିରୁମଲା ପ୍ରସାଦ ଓ ଅନ୍ୟମାନଙ୍କ ଦ୍ୱାରା ଏହି କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା। ଏଥିରେ ୨୦୦୦ରୁ ଅଧିକ ଶ୍ରଦ୍ଧାଳୁ ଯୋଗ ଦେଇଥିଲେ।

# ହକି ବିଶ୍ୱକପ୍ ପାଇଁ ମିନି ମାରାଥନ





ହକି ବିଶ୍ୱକପ ପାଇଁ ଲୋକଙ୍କୁ ସଚେତନ କରିବା ଲାଗି ଖୋର୍ଦ୍ଧାରେ ମିନି ମାରାଥନ୍।



କୃଷ୍ଣପ୍ରସାଦ ବ୍ଲକ ମାଲୁଦ ଓ ବଜ୍ରକୋଟ ପଞ୍ଚାୟତରେ ମିନି ମାରାଥନ।

**ଖୋର୍ଦ୍ଧା ଅଫିସ,୨୫।୧୧**

ହକି ବିଶ୍ୱକପ୍ ଅବସରରେ ରାଜ୍ୟ ଯୁବ ଓ କ୍ରୀଡା ବିଭାଗ ପକ୍ଷରୁ ଏହାର ସଫଳତା ସମ୍ପର୍କରେ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ପଞ୍ଚାୟତ, ଜିଲା ଓ ରାଜ୍ୟସ୍ତରରେ ରବିବାର ମିନି ମାରାଥନ ଅନୁଷ୍ଠିତ ହୋଇଛି। ଖୋର୍ଦ୍ଧା ଜିଲା ପ୍ରଶାସନ ପକ୍ଷରୁ ଅନୁଷ୍ଠିତ ମିନି ମାରାଥନକୁ ବିଧାୟକ ରାଜେନ୍ଦ୍ର ସାହୁ ଓ ଜିଲାପାଳ ନିର୍ମଳ ଚନ୍ଦ୍ର ମିଶ୍ର ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପିଡି ଡିଆରଡିଏ ସରୋଜ ମିଶ୍ର, ଜିଲା ପର୍ଯ୍ୟଟନ ଅଧିକାରୀ ରୀନା ରଥ ଉପସ୍ଥିତ ଥିଲେ। ମିନି ମାରାଥନ ଜିଲାପାଳଙ୍କ କାର୍ଯ୍ୟାଳୟଠାରୁ ବାହାରି ନୂଆ ବସଷ୍ଟାଣ୍ଡ, ବ୍ୟାଙ୍କ ଛକ, ଟିଏଲସି ରାସ୍ତା ଦେଇ ୫ କିମି ଅତିକ୍ରମ କରି ଜିଲା ସଂସ୍କୃତି ଭବନ ପରିସରରେ ଉଦ୍‌ଯାପିତ ହୋଇଥିଲା। ୫୨୩ ଜଣ ଏଥିରେ ଭାଗ ନେଇଥିଲେ। ମିନି ମାରାଥନରେ ପ୍ରଥମ ସ୍ଥାନ ଅକ୍ତିଆର କରିଥିବା ମହିଳା ବର୍ଗରେ ଟବସୁମ୍ ଆରା ଓ ପୁରୁଷ ବର୍ଗରେ ତ୍ରିନାଥ ସାହୁଙ୍କୁ ହାବେଳି ପଡିଆରେ ଅନୁଷ୍ଠିତ ପଲ୍ଲିଶ୍ରୀ ମେଳା ଓ ଜିଲା ସଂସ୍କୃତି ମହୋତ୍ସବରେ ପୁରସ୍କୃତ କରାଯିବ। ସେହିଭଳି ବିଜୁ ଯୁବବାହିନୀ ପକ୍ଷରୁ ଅନୁଷ୍ଠିତ ମିନି ମାରାଥନକୁ ଖୋର୍ଦ୍ଧା ବିଧାୟକ ରାଜେନ୍ଦ୍ର ସାହୁ ଉଦ୍‌ଘାଟନ କରିଥିଲେ। ପରେ ଅନୁଷ୍ଠିତ ସଭାରେ ଖୋର୍ଦ୍ଧା ମ୍ୟୁନିସିପାଲିଟିର ପୂର୍ବତନ ପୌରାଧ୍ୟକ୍ଷ ସଞ୍ଜୁକ୍ତା ସାହୁ ଯୋଗଦେଇ ପୁରସ୍କାର ବିତରଣ କରିଥିଲେ। ସେହିପରି ଅରାଙ୍ଗ ଭୁଆସୁଣି ମନ୍ଦିରଠାରୁ ଉଇଲକିଶନନଗରର ଅଁଳାଇ ମନ୍ଦିର ପର୍ଯ୍ୟନ୍ତ ମିନି ମାରାଥନ ଅନୁରୂପ ଭାବେ ଅନୁଷ୍ଠିତ ହୋଇଥିଲା। ବିଜୁ ଯୁବବାହିନୀ ପକ୍ଷରୁ ଏହାକୁ ଟାଙ୍ଗିଆପଡା ପଞ୍ଚାୟତ ନାଏବ ସରପଞ୍ଚ ଆକାଶ ବିଶ୍ୱାଳ ଓ ୱାର୍ଡ ସଭ୍ୟ ଶତ୍ରୁଘ୍ନ ଦାସ ଉଦ୍‌ଘାଟନ କରିଥିଲେ। ଖୋର୍ଦ୍ଧା ବ୍ଲକର ବିଭିନ୍ନ ପଞ୍ଚାୟତରେ ମିନି ମାରାଥନ ଅନୁଷ୍ଠିତ ହୋଇଯାଇଛି।

**କୃଷ୍ଣପ୍ରସାଦ,(ଡି.ଏନ.ଏ.):** ହକି ବିଶ୍ୱକପ ପ୍ରତିଯୋଗିତା ଅବସରରେ ବିଜୁ ଯୁବବାହିନୀ ପଞ୍ଚାୟତସ୍ତରରେ ଆରମ୍ଭ କରିଛି ମିନି ମାରାଥନ୍ ଦୌଡ଼। କୃଷ୍ଣପ୍ରସାଦ ବ୍ଲକ୍ ମାଲୁଦ ଏବଂ ବଜ୍ରକୋଟ ପଞ୍ଚାୟତରେ ଯୁବବାହିନୀର ସଦସ୍ୟମାନେ ସକାଳେ ଦୌଡରେ ୫ କିମି ରାସ୍ତା ଅତିକ୍ରମ କରି ଲୋକଙ୍କୁ ସଚେତନ କରାଇଥିଲେ। ମାଲୁଦ ପଞ୍ଚାୟତରେ ସରପଞ୍ଚ ରବୀନ୍ଦ୍ରନାଥ ଦାସ ଏବଂ ବଜ୍ରକୋଟ ପଞ୍ଚାୟତରେ ବ୍ଲକ୍ ଉପାଧ୍ୟକ୍ଷ ପ୍ରଫୁଲ୍ଲ କୁମାର ଜେନାଙ୍କ ନେତୃତ୍ୱରେ ସଭା କରାଯାଇ କୃତୀ ପ୍ରତିଯୋଗୀଙ୍କୁ କପ୍ ଓ ପ୍ରମାଣପତ୍ର ଦିଆଯାଇଥିଲା।

## ପଟନିବର କ୍ରିକେଟ: କୁମାରବସ୍ତ ଚାମ୍ପିୟନ

**ଖୋର୍ଦ୍ଧା ଅଫିସ,୨୫।୧୧**

ରେନବୋ କ୍ରିକେଟ କ୍ଲବ ପକ୍ଷରୁ ପଟନିବର ଖେଳପଡିଆରେ ଚାଲିଥିବା ଜିଲାସ୍ତରୀୟ କ୍ରିକେଟ ଟୁର୍ନାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି। ରବିବାର ଅନୁଷ୍ଠିତ ଫାଇନାଲ ମ୍ୟାଚରେ ରାଇଜିଂ ଷ୍ଟାର କୁମାରବସ୍ତ ୫ ଉଇକେଟରେ ସତ୍ୟପୀର ସ୍ପୋର୍ଟିଂ କ୍ଲବ କାଇପଦରକୁ ପରାସ୍ତ କରି ଚାମ୍ପିୟନ ହୋଇଛି। ଟସ୍ ଜିତି କାଇପଦର ଦଳ ୧୮ ଓଭରରେ ସମସ୍ତ ଉଇକେଟ ହରାଇ ୧୧୮ ରନ ସଂଗ୍ରହ କରିଥିଲା। ଜବାବରେ କୁମାରବସ୍ତ ଦଳ ୧୨ ଓଭରରେ ୫ ଉଇକେଟ ହରାଇ ୧୧୯ ରନ ସଂଗ୍ରହ କରି ବିଜୟୀ ହୋଇଥିଲା। ବିଜୟୀ ଦଳର ସଞ୍ଜୟ ପାଇକେରା ୪ ଓଭରରେ ୧୭ ରନ ଦେଇ ୪ ଉଇକେଟ ନେଇ ମ୍ୟାନ ଅଫ ଦି ମ୍ୟାଚ, ଶୁଭେନ୍ଦୁ ପ୍ରଧାନ ମ୍ୟାନ ଅଫ ଦି ସିରିଜ୍ ଓ ଶ୍ରେଷ୍ଠ ବ୍ୟାଟସ ମ୍ୟାନ ଭାବେ ପୁରସ୍କୃତ ହୋଇଥିଲେ। ଖେଳ ପରିଚାଳନା ରାମକୃଷ୍ଣ ବଳିଆର ସିଂ, ଭାଗୀରଥି ବେହେରା ଓ ଜ୍ୟୋତିରଞ୍ଜନ ଭୁଜବଳ କରିଥିଲେ। ଏଥିରେ ସାମାଜିକ କର୍ମୀ ପ୍ରଦୀପ କୁମାର ସାହୁ ମୁଖ୍ୟଅତିଥି ରୂପେ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶଶି ଭୂଷଣ ପାଣିଗ୍ରାହୀ, ସାରୁଅ ସରପଞ୍ଚ ସୁଦର୍ଶନ ବେହେରା, ବ୍ୟାଙ୍କ ଅଫ ବରୋଦା ଭୁବନେଶ୍ୱରର ଡିଆରଏମ ଭରତ ଭୂଷଣ ଓ ମାର୍କେଟିଂ ମ୍ୟାନେଜର ମାନସ ମହାରଣା ଓ ଅବସର ପ୍ରାପ୍ତ ସୈନିକ ଜୟନ୍ତ ବଳିଆରସିଂ ଅତିଥି ରୂପେ ଯୋଗ ଦେଇଥିଲେ। ଚାମ୍ପିୟନ ଦଳକୁ ୧୦ ହଜାର ଟଙ୍କା ସହ ଟ୍ରଫି ଓ ରନର୍ସ ଅପ ଦଳକୁ ୬ ହଜାର ଟଙ୍କା ସହ ଟ୍ରଫି ପ୍ରଦାନ କରାଯାଇଛି। ସଭାରେ କ୍ଲବର ସଭାପତି ସଂଗ୍ରାମ ବିଶ୍ୱାଳ ଅଧ୍ୟକ୍ଷତା କରିଥିବାବେଳେ ସମ୍ପାଦକ ଅଶୋକ ବେହେରା ବିବରଣୀ ପାଠ କରିଥିଲେ।



ପ୍ରାଚୁର୍ଯ୍ୟରେ ଥିଲାବେଳେ ହିଁ ଜଣାପଡ଼ିବ ଲୋକଟି କିଭଳି ଖରାପ।
–ଜନ୍ କାସ୍‌ପର୍ ଲାଭାଟର



## ସଂକ୍ଷେପରେ

### ଗେଷ୍ଟହାଉସ୍‌ରେ ପୋଲିସର ଚଢ଼ାଉ ଘଟଣା: ୨ଯୁବକ ଜେଲ ଗଲେ

**କାକଟପୁର, ୨୫।୧୧(ଡି.ଏନ୍.ଏ.):** କାକଟପୁରର ଏକ ଗେଷ୍ଟ ହାଉସରେ ଅନୈତିକ କାର୍ଯ୍ୟକଳାପ ଚାଲୁଥିବା ସମ୍ପର୍କରେ ଖବର ପାଇ କାକଟପୁର ଥାନା ପୋଲିସ ସ୍ଥାନୀୟ ମଙ୍ଗଳା ମନ୍ଦିର ଗେଟ୍ ବଜାରଠାରେ ଥିବା ଗେଷ୍ଟହାଉସ୍ ଉପରେ ଶନିବାର ଚଢ଼ାଉ କରିଥିଲା। ଗେଷ୍ଟହାଉସରେ ରାତ୍ରିଯାପନ କରୁଥିବା ୪ଯୁବତୀ ଓ ୪ଯୁବକଙ୍କୁ ପୋଲିସ ସେଠାରୁ ଉଠାଇ ଆଣି କାକଟପୁର ଥାନାରେ ଅଟକ ରଖି ପଚରାଉଚରା କରିଥିଲା। ପଚରାଉଚରା ପରେ ୨ଯୁବତୀ ଓ ୨ଯୁବକ ବୁଲିବାକୁ ଆସିଥିବା ଜଣା ପଡ଼ିବାରୁ ପୋଲିସ ସେମାନଙ୍କୁ ଛାଡ଼ି ଦେଇଥିଲା। କଲିକତାରୁ ଆସିଥିବା ୨ଜଣ ବଙ୍ଗୀୟ ଯୁବତୀଙ୍କୁ ଅନୈତିକ କାର୍ଯ୍ୟ କରିଥିବା ସନ୍ଦେହରେ ଡାକ୍ତରୀମାଇନା ପାଇଁ ପୁରୀ ପଠାଇଥିବାବେଳେ ପୋଲିସ ୨ଜଣ ଯୁବକଙ୍କୁ ଗିରଫ କରିଛି। ସେମାନେ ହେଲେ ନିଆଳି ଥାନା ବାହାରେଣା ଅଞ୍ଚଳର ଡନ୍ ପାତ୍ର ଏବଂ ଦିଲ୍ଲୀ ମୁର୍ସିଦାବାଦ୍‌ର ସୟଦ୍ ରେହେମାନ୍। ୨ଜଣଙ୍କୁ ନିମାପଡ଼ା କୋର୍ଟକୁ ରବିବାର ସନ୍ଧ୍ୟାରେ ପଠାଯାଇଥିବାବେଳେ କୋର୍ଟରେ ଜାମିନ ଆବେଦନ ନାମଞ୍ଜୁର ହେବାରୁ ସେମାନଙ୍କୁ ଜେଲ୍ ଯିବାକୁ ପଡ଼ିଛି। ଏ ନେଇ କାକଟପୁର ଥାନାରେ ୧୩୧/୧୮ରେ ଏକ ମାମଲା ରୁଜୁ ହୋଇଛି। ଘଟଣା ପରେ ଲଜ୍ ଫେରାର ହୋଇଯାଇଛନ୍ତି।

### ସିଂହଦ୍ୱାରରେ କାର୍ତ୍ତିକେଶ୍ୱରଙ୍କ ମେଳଣ

**ପୁରୀ ଅଫିସ,୨୫।୧୧:** ପୁରୀର ବିଭିନ୍ନ ସାହି ଗଳିରେ ପୂଜା ପାଉଥିବା କାର୍ତ୍ତିକେଶ୍ୱରଙ୍କୁ ରବିବାର ମେଲାଣି ଦିଆଯାଇଛି। ଏଥିପାଇଁ ବାଜା ଏବଂ ବିଭିନ୍ନ ପ୍ରକାର ଲାଇଟ୍‌ରେ କାର୍ତ୍ତିକେଶ୍ୱରଙ୍କୁ ଶୋଭାଯାତ୍ରାରେ ଆଣି ସିଂହଦ୍ୱାର ସମ୍ମୁଖରେ ମେଳଣ କରାଯାଇଥିଲା। ପ୍ରାୟ ୧୮ରୁ ଊର୍ଦ୍ଧ୍ୱ ମୂର୍ତ୍ତି ମେଳଣରେ ସାମିଲ ହୋଇଥିବା ଦେଖିବାକୁ ମିଳିଥିଲା। ହରଚଣ୍ଡୀ ସାହି, ଦୋଳମଣ୍ଡପ ସାହି, ଲୋକନାଥ ରୋଡ ବଳଦେବ ସାହି, ନରେନ୍ଦ୍ରକୋଣ ପ୍ରଭୃତି ଅଞ୍ଚଳରୁ କାର୍ତ୍ତିକେଶ୍ୱରଙ୍କ ମୂର୍ତ୍ତିକୁ ଶୋଭାଯାତ୍ରାରେ ଅଣାଯାଇ ମେଳଣ ସାମିଲ କରାଯାଇଥିଲା। ରାତି ପ୍ରାୟ ସାଢେ ୯ଟା ପରେ ଗୋଟିକ ପରେ ଗୋଟିଏ ମୂର୍ତ୍ତିଙ୍କୁ ନିଆଯାଇ ଭସାଣି କରାଯାଇଥିଲା।

### ଦୟାବିହାର କଲେଜରେ ଏନ୍‌ସିସି ଦିବସ ପାଳିତ

**କଣାସ, ୨୫।୧୧(ସ୍ୱ.ପ୍ର.):** କଣାସ ବ୍ଲକ ଦୟାବିହାର ମହାବିଦ୍ୟାଳୟ ପକ୍ଷରୁ ମହାବିଦ୍ୟାଳୟ ପରିସରରେ ରବିବାର ୭୦ତମ ଏନ୍‌ସିସି ଦିବସ ପାଳିତ ହୋଇଯାଇଛି। ଏହି ସମାରୋହରେ ଓଡ଼ିଶା ୬ଷ୍ଠ ବାଟାଲିୟନ୍‌ର ସୁବେଦାର ମେଜର ମୋହରସିଂ ମୁଖ୍ୟ ଅତିଥିଭାବେ ଯୋଗଦେଇ ପତାକା ଉତ୍ତୋଳନ କରିବା ସହିତ ଅଭିବାଦନ ଗ୍ରହଣ କରିଥିଲେ। କ୍ୟାଡେଟ୍‌ମାନେ ସର୍ବଦା ସମାଜସେବା ମନୋବୃତ୍ତି ରଖି ଦେଶମାତୃକାର ସେବାରେ ନିଜକୁ ନିୟୋଜିତ କରିବା ପାଇଁ ଗୁରୁତ୍ୱ ଆରୋପ କରିଥିଲେ। ପରେଡ୍‌ରେ ଯୋଗଦେଇଥିବା କ୍ୟାଡେଟ୍‌ମାନେ ଫ୍ଲାଗ୍‌ମାର୍ଚ୍ଚ ସହ ବିଭିନ୍ନ ସାମରିକ ରଣକୌଶଳ ପ୍ରଦର୍ଶନ କରିଥିଲେ। ଏହି ଅବସରରେ ପରିବେଶ ସୁରକ୍ଷା ପାଇଁ କେତେକ ବୃକ୍ଷରୋପଣ କରାଯିବା ସହ ପ୍ରତ୍ୟେକ ବ୍ୟକ୍ତି ସଚେତନ ହୋଇ ଧ୍ୱଂସାଭିମୁଖୀ ପରିବେଶକୁ ରକ୍ଷାକରିବାକୁ ହେଲେ ବୃକ୍ଷଲଗାଇ ତା'ର ଯତ୍ନ ନେବାପାଇଁ ସଚେତନ କରାଯାଇଥିଲା। ଏନ୍‌ସିସି ଅଫିସର ଲ୍ୟଟ୍‌ନାଣ୍ଟ ପ୍ରତାପକେଶରୀ ହରିଚନ୍ଦନ ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

### ଗୋପରେ ବିଜେଡିର ଜନସମ୍ପର୍କ ପଦଯାତ୍ରା

**ଗୋପ, ୨୫।୧୧(ଡି.ଏନ୍.ଏ.):** କାକଟପୁର ନିର୍ବାଚନମଣ୍ଡଳୀ ଅଧୀନ ଗୋପ ବ୍ଲକର ୩ଟି ପଞ୍ଚାୟତରେ ରବିବାର ବିଜେଡି ପକ୍ଷରୁ ଜନସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ କାକଟପୁର ବିଧାୟକ ସୁରେନ୍ଦ୍ର ସେଠୀ ଯୋଗଦେଇଥିଲେ। ଦେସ୍ଥଳୀ ପଞ୍ଚାୟତ ଆମପଡ଼ାଠାରୁ ଏହି ପଦଯାତ୍ରା ଆରମ୍ଭ ହୋଇ ପଞ୍ଚାୟତ କାର୍ଯ୍ୟାଳୟ ନିକଟରେ ପହଞ୍ଚିଥିଲା। ପଦଯାତ୍ରାରେ ୩୦ରୁ ଊର୍ଦ୍ଧ୍ୱ ଗ୍ରାମ ପରିକ୍ରମା କରିଥିଲା।

■ ଜମିଜମା ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ଦାବି

# କୋଣାର୍କ ଉତ୍ସବ ବନ୍ଦ ପାଇଁ ଚେତାବନୀ

**କୋଣାର୍କ, ୨୫।୧୧(ଡି.ଏନ୍.ଏ.)**

କୋଣାର୍କ ଯାତ୍ରୀନିବାସ ସମ୍ମେଳନ କକ୍ଷରେ ଭୂସୁରକ୍ଷା କ୍ରିୟାନୁଷ୍ଠାନ କମିଟି ପକ୍ଷରୁ କୋଣାର୍କ ସମେତ ୧୦ଗୋଟି ରାଜସ୍ୱ ମୌଜାର ଜମିଜମା ସମସ୍ୟାର ସ୍ଥାୟୀ ସମାଧାନ ନିମନ୍ତେ ଅବହେଳିତ କୋଣାର୍କ ଶୀର୍ଷକ କର୍ମଶାଳା ରବିବାର ଅନୁଷ୍ଠିତ ହୋଇଯାଇଛି। ଆଗାମୀ ଦିନରେ ଜମିଜମା ସମସ୍ୟାର ସ୍ଥାୟୀ ସମାଧାନ ସମେତ ଅନ୍ୟାନ୍ୟ ସମସ୍ୟା ଉପରେ ପ୍ରଶାସନ ତୁରନ୍ତ ପଦକ୍ଷେପ ନ ନେଲେ ଆସନ୍ତା କୋଣାର୍କ ଉତ୍ସବକୁ ସମ୍ପୂର୍ଣ୍ଣ ଅଚଳ କରିଦିଆଯିବ ବୋଲି କ୍ରିୟାନୁଷ୍ଠାନ କମିଟି ଆବାହକ ସୁକାନ୍ତ କୁମାର ମହାନ୍ତି ବୈଠକରେ ଚେତାବନୀ ଦେଇଥିଲେ।

ପ୍ରକାଶ ଥାଉକି, କମିଟି ପକ୍ଷରୁ ଦୀର୍ଘଦିନ ଧରି ଜିଲା ପ୍ରଶାସନ ନିକଟରେ ଜମିଜମା ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ଦାବି ହୋଇ ଆସୁଥିଲେ ମଧ୍ୟ ପ୍ରଶାସନ ଏଥିପ୍ରତି କର୍ଣ୍ଣପାତ କରୁ ନାହିଁ। ଏହି ସମସ୍ୟା ଯୋଗୁ ଛାତ୍ରୀଛାତ୍ରଙ୍କ ପାଠ ପଢା ନିମନ୍ତେ ଆବାସିକ ପ୍ରମାଣ ପତ୍ର, ଜାତିଗତ ପ୍ରମାଣ ପତ୍ର, ଆୟ ପ୍ରମାଣପତ୍ର ସମେତ ଜମି କିଣା ବିକାରେ ଅସୁବିଧା ହେବା ସହ ବ୍ୟାଙ୍କ ଋଣ ପାଇବାରୁ ପ୍ରଜାମାନେ ବଞ୍ଚିତ ହେଉଥିବାରୁ ବୈଠକରେ ଉଦ୍‌ବେଗ ପ୍ରକାଶ ପାଇଥିଲା। ଗତ ଅଗଷ୍ଟ ମାସ ୧୧ତାରିଖରେ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଏ ନେଇ କୋଣାର୍କ ବନ୍ଦ କରାଯାଇଥିଲା। ସେହି ସମୟରେ ପୁରୀ ଉପଜିଲାପାଳଙ୍କ ନେତୃତ୍ୱରେ କମିଟିର ସଦସ୍ୟମାନଙ୍କୁ ନେଇ କୋଣାର୍କ ନିକଟସ୍ଥ ବାଲିକପିଳେଶ୍ୱରଠାରେ ସମାଧାନ ନିମନ୍ତେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକକୁ ୩ମାସ ବିତିଥିଲେ ବି ଜିଲା ପ୍ରଶାସନ କୌଣସି ଆଖିଦୃଶିଆ ପଦକ୍ଷେପ ନେଇ ନାହିଁ। କମିଟିର ଆବାହକ ତଥା ପୂର୍ବତନ କାଉନସିଲର ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ଭାଜପା ରାଜ୍ୟ କୃଷକ ମୋର୍ଚ୍ଚା ସଭାପତି ଅଶୋକ କୁମାର ସେଠୀ, ସିପିଆଇ ରାଜ୍ୟ ସମ୍ପାଦକ ଆଶିଷ କାନୁନଗୋ, ପ୍ରଦେଶ କଂଗ୍ରେସ କୃଷକ ସେଲ ଅଧ୍ୟକ୍ଷ ଅମୀୟ ପଟ୍ଟନାୟକ, ପ୍ରଦେଶ କଂଗ୍ରେସ କମିଟି ସମ୍ପାଦକ ବିଶ୍ୱଭୂଷଣ ଦାସ, ପୁରୀଜିଲା କଂଗ୍ରେସ କାର୍ଯ୍ୟକାରୀ ସଭାପତି ଅଜିତ ମଙ୍ଗରାଜ, କଂଗ୍ରେସ ମିଡିଆ ସେଲ ଅଧ୍ୟକ୍ଷ ସତ୍ୟପ୍ରକାଶ ନାୟକ ପ୍ରମୁଖ ଯୋଗ ଦେଇଥିଲେ। ଏହାକୁ କ୍ରିୟାନୁଷ୍ଠାନ କମିଟି ସମ୍ପାଦକ ଜ୍ଞାନ ନାୟକ, ଭାସ୍କର ବେହେରା, ଫକୀର ବେହେରା ପ୍ରମୁଖ ପରିଚାଳନା କରିଥିଲେ।



ପୌରସଦନଠାରେ ୟୁନିକ୍ ଫଙ୍କ ରାଜ୍ୟସ୍ତରୀୟ ନୃତ୍ୟ ପ୍ରତିଯୋଗିତାରେ କଳାକାରମାନେ ନୃତ୍ୟ ପରିବେଷଣ କରୁଛନ୍ତି।

## ରାଜ୍ୟସ୍ତରୀୟ ନୃତ୍ୟ ପ୍ରତିଯୋଗିତା ଉଦ୍‌ଯାପିତ

**ପୁରୀ ଅଫିସ,୨୫।୧୧**

ୟୁନିକ୍ ଫଙ୍କର ପ୍ରଥମ ରାଜ୍ୟସ୍ତରୀୟ ନୃତ୍ୟ ପ୍ରତିଯୋଗିତା ରବିବାର ଉଦ୍‌ଯାପିତ ହୋଇଯାଇଛି। ଟାଉନ ହଲ୍‌ଠାରେ ଅନୁଷ୍ଠିତ ଏହି ଦୁଇଦିନିଆ ପ୍ରତିଯୋଗିତାର ଉଦ୍‌ଯାପନୀ ସନ୍ଧ୍ୟାରେ ମନ୍ତ୍ରୀ ମହେଶ୍ୱର ମହାନ୍ତି ମୁଖ୍ୟଅତିଥି ଭାବେ ଯୋଗଦେଇ କହିଲେ, ଶ୍ରୀକ୍ଷେତ୍ର ହେଉଛି ସାଂସ୍କୃତିକ କ୍ଷେତ୍ର। ସଂସ୍କୃତି, କଳା ଓ ପରମ୍ପରାକୁ କଳାକାରମାନେ ବଞ୍ଚାଇ ରଖିଛନ୍ତି। କଳାକୁ ପରିଚିତ କରିବା ଲାଗି ଏଭଳି ମଞ୍ଚର ଯଥେଷ୍ଟ ଆବଶ୍ୟକତା ରହିଛି ବୋଲି ମୁଖ୍ୟଅତିଥି କହିଥିଲେ। ସମ୍ମାନିତ ଅତିଥି ଭାବେ ପୂର୍ବତନ ନଗରପାଳ ଜୟନ୍ତ କୁମାର ଷଡ଼ଙ୍ଗୀ ଓ ଗୌରହରି ପ୍ରଧାନ, ଯୁବନେତା ଶୁଭାଷିସ ଖୁଣ୍ଟିଆ ଓ ଭକ୍ତ ଚରଣ ଦାସ, ଛାତ୍ର ନେତା ଷ୍ଟାଲିନ ପରିଜା, ରବିଶଙ୍କର ପ୍ରତିହାରୀ, ସାମାଜିକ କର୍ମୀ ଶୁକ୍ଲା ରାୟ, ଅଭିନେତା ସତ୍ୟଜିତ ଓ ସୁବାସ ପଣ୍ଡା, ଶିଶୁ କଲ୍ୟାଣ କମିଟି ସଭ୍ୟ ରମାଶଙ୍କର ପାତ୍ର ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ଅନେକ ପ୍ରତିଭାଙ୍କୁ ସମ୍ମାନିତ କରାଯାଇଥିଲା। ସାଂସ୍କୃତିକ କାର୍ଯ୍ୟକ୍ରମ ଏବଂ ଆକର୍ଷଣୀୟ ମାଲଖମ୍ବ ପରିବେଷଣ ହୋଇଥିଲା। ଅନୁଷ୍ଠାନର ସଭାପତି ଭଗବାନ ପ୍ରତିହାରୀ ସଭାପତିତ୍ୱ ଓ ସମ୍ପାଦକ ଗୁଲ୍ଲନ କୁମାର ମଞ୍ଚ ପରିଚାଳନା କରିଥିଲେ।

■ ଫେଡ୍‌କୋ ଅଫିସ ଭଙ୍ଗାରୁଜା

## ଜେଲ୍ ଗଲେ ଆଇନଜୀବୀ

**ପୁରୀ ଅଫିସ,୨୫।୧୧**

ଫେଡ୍‌କୋ ଅଫିସ୍ ଭଙ୍ଗାରୁଜା ମାମଲାରେ କୁମ୍ଭାରପଡ଼ା ପୋଲିସ ରବିବାର ଆଇନଜୀବୀ ଗୋପାଳକୃଷ୍ଣ ପଣ୍ଡାଙ୍କୁ ଗିରଫ କରିଛି। ଏସ୍‌ଡିଜେଏମ୍‌ଙ୍କ କୋର୍ଟ ଜାମିନ ନାମଞ୍ଜୁର କରିବାରୁ ତାଙ୍କୁ ଜେଲ୍ ହାଜତକୁ ପଠାଇ ଦିଆଯାଇଛି। ଗୋପାଳକୃଷ୍ଣ ବିଦ୍ୟୁତ୍ ଠିକା କର୍ମଚାରୀ ସଂଘର ଆବାହକ ଥିବାବେଳେ ବିଭିନ୍ନ ସଂଗଠନ ସହ ଜଡିତ ରହିଛନ୍ତି। ପୂର୍ବରୁ କର୍ମଚାରୀଙ୍କ ସମସ୍ୟାକୁ ନେଇ ଆନ୍ଦୋଳନ କରିଛନ୍ତି। ଗତ ଅକ୍ଟୋବର ୩ରେ ପୁରୀ ହିଂସାକାଣ୍ଡ ସମୟରେ ଗୋପାଳଙ୍କ ନେତୃତ୍ୱରେ କେତେଜଣ ବ୍ୟକ୍ତି ଫେଡ୍‌କୋ ଅଫିସରେ ବ୍ୟାପକ ଭଙ୍ଗାରୁଜା କରିଥିଲେ। ଫେଡ୍‌କୋ ପକ୍ଷରୁ ଏ ନେଇ କୁମ୍ଭାରପଡ଼ା ଥାନାରେ ଅଭିଯୋଗ ହୋଇଥିଲା। ପୋଲିସ ଆଇପିସି ଦଫା ୪୨୭, ୪୫୨, ୩୪, ୨୯୪, ୫୦ ଓ ୩୪ରେ ମାମଲା ନଂ. ୨୩୨/୧୮ କରି ତଦନ୍ତ ଚଳାଇଥିଲା ବୋଲି ଥାନା ଅଧିକାରୀ ଅଭିମନ୍ୟୁ ନାୟକ କହିଛନ୍ତି। ଅନ୍ୟପକ୍ଷରେ ପୁରୀ ହିଂସାକାଣ୍ଡ ଘଟଣାରେ ତାଙ୍କ ନାମରେ ଟାଉନ ଥାନାରେ ୧୬୮ ଓ ୧୬୯/୧୮ରେ ଦୁଇଟି ମାମଲା ରହିଛି ବୋଲି ଥାନାଧିକାରୀ ଉମାଶଙ୍କର ସିଂ କହିଛନ୍ତି। ସେହିଭଳି ସିଂହଦ୍ୱାର ଥାନାରେ ମାମଲ ନଂ.୭୯, ୮୨, ୮୩ ଓ ୮୬/୧୮ରେ ୪ଟି ମାମଲା ରହିଥିବା ଥାନାଧିକାରୀ ଗୋକୁଳ ରଞ୍ଜନ ଦାଶ ସୂଚନା ଦେଇଛନ୍ତି। ତେବେ ଗିରଫ ଗୋପାଳକୃଷ୍ଣଙ୍କୁ ପୁରୀ ହିଂସା ମାମଲାରେ ରିମାଣ୍ଡରେ ନେବାକୁ ଉଭୟ ଥାନା ପକ୍ଷରୁ ଆବେଦନ କରାଯାଇଥିବା ଜଣାପଡିଛି।

## କୁଶଭଦ୍ରା ନଦୀରୁ ଶିବଙ୍କ ପୁରାତନ ମୂର୍ତ୍ତି ଉଦ୍ଧାର

**ନିମାପଡ଼ା,୨୫।୧୧(ଡି.ଏନ୍.ଏ.)**



ନିମାପଡ଼ା ବ୍ଲକର ବେଲକଣ ଗ୍ରାମ ନିକଟସ୍ଥ କୁଶଭଦ୍ରା ନଦୀ ଗର୍ଭରୁ ରବିବାର ମହାଦେବଙ୍କ ଏକ ବିରଳ ପୁରାତନ ମୂର୍ତ୍ତି ଉଦ୍ଧାର କରାଯାଇଛି। ଏହି ମୂର୍ତ୍ତିଟି ୨ଫୁଟ ଉଚ୍ଚର କଳାମୁଗୁନି ପଥରରେ ନିର୍ମିତ ହୋଇଥିବାବେଳେ ଏହା ଶିବଙ୍କ ଚତୁର୍ଭୁଜା ମୂର୍ତ୍ତି। ଏହି ବିରଳ ମୂର୍ତ୍ତିଟି ପ୍ରାୟ ଦ୍ୱାଦଶ କିମ୍ବା ତ୍ରୟୋଦଶ ଶତାବ୍ଦୀର ହେବ ବୋଲି ପରୀକ୍ଷଣ କରିବା ଦ୍ୱାରା ଜଣାପଡ଼ିବ ବୋଲି ପ୍ରତ୍ନତତ୍ତ୍ୱବିତ ତଥା ଅଧ୍ୟାପକ ଡ.ଅତୁଲ୍ୟ କୁମାର ପ୍ରଧାନ କହିଛନ୍ତି। ଏହାପୂର୍ବରୁ ପ୍ରତ୍ନତାତ୍ତ୍ୱିକ ବିଭାଗ କୁଶଭଦ୍ରା ନଦୀରୁ ବହୁ ପ୍ରାଚୀନ କୀର୍ତ୍ତିରାଜି ଓ ଅନେକ ପ୍ରତ୍ନତାତ୍ତ୍ୱିକ ସାମଗ୍ରୀ ଉଦ୍ଧାର କରିଥିଲା। ନିମାପଡ଼ା ବହୁବର୍ଷ ପୂର୍ବେ କଳା ଓ ସ୍ଥାପତ୍ୟର ଅଞ୍ଚଳ ତଥା ମନ୍ଦିରମାଳିନୀ ନଗର ଥିଲା ବୋଲି ପ୍ରତ୍ନତତ୍ତ୍ୱବିତ ଡ.ପ୍ରଧାନ ମତ ପ୍ରକାଶ କରିଛନ୍ତି। ତେଣୁ କୁଶଭଦ୍ରା ଅବବାହିକା ଅଞ୍ଚଳକୁ ଖନନ କରାଗଲେ ବହୁ ପ୍ରାଚୀନ ଯୁଗର ସଭ୍ୟତାର ସନ୍ଧାନ ମିଳିପାରିବା ସହ ଲୋକଲୋଚନକୁ ଆସିବ ବୋଲି ପ୍ରଧାନ କହିଛନ୍ତି। ରବିବାର ବେଲକଣ ଗ୍ରାମର ପ୍ରଦୀପ୍ତ ଦାସ, ଦିନବନ୍ଧୁ ଦାସ ଓ କୃଷ୍ଣଚନ୍ଦ୍ର ପରିଡ଼ା ନଦୀପାଣିରେ ପଶି ନଦୀ ଆରପଟକୁ ଯାଉଥିବାବେଳେ ପ୍ରଦୀପ୍ତଙ୍କ ଗୋଡ଼ରେ ଏହି ପଥର ମୂର୍ତ୍ତିଟି ବାଜିଥିଲା। ତାକୁ ଖୋଳି ଆଣି ଦେଖିବା ପରେ ପ୍ରାଚୀନ ମୂର୍ତ୍ତି ବୋଲି ଜଣାପଡ଼ିଥିଲା।

କାଲୁରାମ ନାୟକଙ୍କ ସ୍ମୃତି ସମାରୋହ

## ରାଜ୍ୟସ୍ତରୀୟ ସାରସ୍ୱତ ସମ୍ମିଳନୀ କବିତା ମହାଯଜ୍ଞ

**କଣାସ, ୨୫।୧୧(ସ୍ୱ.ପ୍ର.)**

କଣାସ ବ୍ଲକ ତ୍ରିଲୋଚନପୁର ଗ୍ରାମ ପଞ୍ଚାୟତରେ ରବିବାର କାଲୁରାମ ନାୟକ ସ୍ମୃତିପାଠାଗାର ପକ୍ଷରୁ ହେମଲତା ଭବନ ପରିସରରେ ରାଜ୍ୟସ୍ତରୀୟ ସାରସ୍ୱତ ସମ୍ମିଳନୀ ଓ କବିତା ମହାଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟର ବିଭିନ୍ନ ସ୍ଥାନରୁ ଆସିଥିବା କବିମାନେ ସେମାନଙ୍କର କବିତା ପାଠ କରିଥିଲେ। କାଲୁରାମ ନାୟକ ସ୍ମୃତି ପାଠାଗାରର ସଭାପତି ଶିକ୍ଷାବିତ ସୁରଥି ବଳିୟାରସିଂହଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ପୁରୀର ପୂର୍ବତନ ନଗରପାଳ ଜୟନ୍ତ ଷଡ଼ଙ୍ଗୀ ମୁଖ୍ୟ ଅତିଥିଭାବେ ଯୋଗଦେଇଥିବା ବେଳେ କଣାସ ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ସୁନୀଲ ମିଶ୍ର, ଶିଶୁ ସାହିତ୍ୟିକ ବୀରେନ୍ଦ୍ର ମହାନ୍ତି, ଶିଶୁ ସାହିତ୍ୟ ଡ.ହେମନ୍ତ କୁମାର ଛୋଟରାୟ, କବୟିତ୍ରୀ ବିମଳା ସିଂ, ଶିଶୁ ସାହିତ୍ୟିକ ରମେଶ ଚନ୍ଦ୍ର ଦାଶ, ଅଲଷ୍ଟା ସମ୍ପାଦକ ପ୍ରକାଶ ଚନ୍ଦ୍ର ଜେନା ପ୍ରମୁଖ ଯୋଗଦେଇଥିଲେ। ଅତିଥିମାନେ ସୁନାମଧନ୍ୟ କବି ଏବଂ ଛାତ୍ରୀଛାତ୍ରଙ୍କୁ ମାନପତ୍ର ପ୍ରଦାନ କରିଥିଲେ। ଶିକ୍ଷାବିତ୍ ସାରଥି ଜେନା, ଭାଗୀରଥି ମହାପାତ୍ର ପ୍ରମୁଖ ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।


ନାଟକ 'ସାତ ଜନମର ଜୀବନ ସାଥୀ'ର ଏକ ଦୃଶ୍ୟ।

## ଅନ୍ନପୂର୍ଣ୍ଣାରେ 'ସାତ ଜନମର ଜୀବନ ସାଥୀ'

**ପୁରୀ ଅଫିସ,୨୫।୧୧**

ବ୍ରାହ୍ମଣ ଘରର ଝିଅ ରାଧା । ନନା ମାଧବ ମିଶ୍ର ଗାଁ ମୁଖିଆ ଆଉ ଗାଁ ଠାକୁରାଣୀଙ୍କ ପୂଜା କରନ୍ତି। ନୀଚ ଜାତି ଘରର ପୁଅ କାହ୍ନା। ବାପା ନନ୍ଦ ଗାଁ ଝିଅବୋହୂଙ୍କ ବାହା ପୁଆଣିରେ ବାଜା ବଜାଏ। ହେଲେ ରାଧା ଭଲ ପାଏ କାହ୍ନାକୁ। ରାଧା କଲେଜରେ ପଢୁଥିବା ବେଳେ କାହ୍ନା ସ୍କୁଲରେ ପଢୁଥାଏ। ବୟସରେ ସେମାନେ ବଡ଼ସାନ। ହେଲେ ପ୍ରେମ ଅନ୍ଧ। ମାନେନା ଜାତି ଅଜାତି କି ବୟସର ତାରତମ୍ୟକୁ। ମାଧବ ମିଶ୍ର ଉଭୟଙ୍କ ମିଳାମିଶାକୁ ବିରୋଧ କରୁଥିବାବେଳେ ଗାଁ ଠାକୁରାଣୀଙ୍କ ପାଖରେ ଦୁହେଁ ଶପଥ ନିଅନ୍ତି ସାତଜନମର ସାଥୀ ହେବା ପାଇଁ। ସେପଟେ ମୁଖିଆଙ୍କ ଗୁମାସ୍ତାଙ୍କ ଶଳା ଚନ୍ଦ୍ରସେଣା ମନେ ମନେ ଭଲପାଏ ରାଧାକୁ। ତେବେ ଏ ଭଲ ପାଇବାରେ କିଏ ଜିତେ ଆଉ କିଏ ହାରେ ତାହା ସମୟ କୁହେ। ସାମ୍ପ୍ରତିକ ସମାଜରେ ଘଟୁଥିବା ଏମିତି ଏକ କାହାଣୀକୁ ନେଇ ରବିବାର ସନ୍ଧ୍ୟାରେ ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚରେ ମଞ୍ଚସ୍ଥ ହୋଇଛି ନାଟକ 'ସାତ ଜନମର ଜୀବନ ସାଥୀ'। ପୁରୀ ଆର୍ଟିଷ୍ଟ ଆସୋସିଏଶନ ପ୍ରାୟୋଜିତ ମାସିକ ନାଟକ ମହୋତ୍ସବ ଅବସରରେ ନାଟ୍ୟମ୍ ଅନୁଷ୍ଠାନ ପକ୍ଷରୁ ଏହା ପରିବେଷଣ କରାଯାଇଥିଲା। କଳାକାରଙ୍କ ନିଖୁଣ ଅଭିନୟ ନାଟ୍ୟପ୍ରେମୀଙ୍କୁ ଅନ୍ନପୂର୍ଣ୍ଣା ମଞ୍ଚ ସମ୍ମୁଖରେ ଢେର ସମୟ ବାନ୍ଧି ରଖିଥିଲା। ଗଣେଶ ମହାପାତ୍ରଙ୍କ ଲିଖିତ ଓ ରାମକୃଷ୍ଣ ମହାପାତ୍ରଙ୍କ ନିର୍ଦ୍ଦେଶିତ ଏହି ନାଟକର ବିଭିନ୍ନ ଭୂମିକାରେ ଅଭିନୟ କରିଥିଲେ ବିଦ୍ୟାଧର ମହାପାତ୍ର, ହରପ୍ରସାଦ ମିଶ୍ର, ଅଜୟ ପ୍ରଧାନ, ଶକ୍ତିପ୍ରସାଦ ମହାନ୍ତି, ପୃଥୀରାଜ ସାହୁ ଓ ରୋଜାଲିନ ପଣ୍ଡା ପ୍ରମୁଖ । ନାଟକ ପୂର୍ବରୁ ଆୟୋଜିତ ସଭାରେ ମୁଖ୍ୟଅତିଥି ଚକ୍ରଧର ମହାପାତ୍ର, ସମ୍ମାନିତ ଅତିଥି ନାଟ୍ୟ ସଂଘ ଓଡ଼ିଶାର ସଭାପତି ହରେନ ସାହୁ, ବରେଣ୍ୟ ଅତିଥି ଭାବେ ନାଟ୍ୟ ସଂଘ ଓଡ଼ିଶାର ସମ୍ପାଦକ ଲାଲା ବୀରେନ ରାୟ ଯୋଗଦେଇଥିଲେ। ଏହି ଅବସରରେ ଗତ ଅକ୍ଟୋବରରେ ପ୍ରଦର୍ଶିତ ନାଟକ ଅମୁହାଁ ଗଳିର ଶ୍ରେଷ୍ଠ କଳାକାର ଭାବେ ସୁଶ୍ରୀ ତପସ୍ୱିନୀ ମହାନ୍ତି ଓ ନାଟ୍ୟ ନିର୍ଦ୍ଦେଶକ ପ୍ରଦୀପ କୁମାର ପ୍ରଧାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ଅକ୍ଟୋବରର ନାଟକ ବନ୍ଧୁ ଭାବେ ସଞ୍ଜୟ କୁମାର ମହାନ୍ତି, ରତ୍ନାକର ପ୍ରଧାନ ଓ ଜନାର୍ଦ୍ଦନ ଦାସଙ୍କୁ ସମ୍ମାନିତ କରାଯାଇଥିଲା। ଆର୍ଟିଷ୍ଟ ଆସୋସିଏଶନର ସଭାପତି ବିକାଶ ଦତ୍ତଙ୍କ ସଭାପତିତ୍ୱରେ ଏବଂ ସମ୍ପାଦକ ରାମକୃଷ୍ଣ ମହାପାତ୍ରଙ୍କ ତତ୍ତ୍ୱାବଧାନରେ ସଭା କାର୍ଯ୍ୟ ସମ୍ପାଦିତ ହୋଇଥିଲା।

## ୯ମ ରାଜ୍ୟସ୍ତରୀୟ ଶିଶୁ ମହୋତ୍ସବ

**ନିମାପଡ଼ା,୨୫।୧୧(ଡି.ଏନ୍.ଏ.)**

ନିମାପଡ଼ାର ଶିଶୁ ଅନୁଷ୍ଠାନ ଶିଶୁ ପ୍ରଦୀପ ପକ୍ଷରୁ ୯ମ ରାଜ୍ୟସ୍ତରୀୟ ଶିଶୁ ମହୋତ୍ସବ ଟାଉନହଲଠାରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଏହି ମହୋତ୍ସବକୁ ବିଧାୟକ ସମୀର ରଞ୍ଜନ ଦାଶ ଉଦ୍‌ଘାଟନ କରିଥିଲେ। ଏହି ଉତ୍ସବରେ ଅତିଥି ଭାବେ ଶିକ୍ଷାବିତ ତଥା ମହାସଂଘ ଓଡ଼ିଶାର ଉପସଭାପତି ଡ.ନେତାନନ୍ଦ ଭୋଇ, ଶିକ୍ଷାବିତ ସ୍ୱାଧୀନ କୁମାର ସାହୁ, ସଙ୍ଗୀତଜ୍ଞ ମାନସ ଦାଶ, ସାମାଜିକ କର୍ମୀ ଯୁବନେତା ସନ୍ତୋଷ ଦାଶ, ଶିଶୁପ୍ରଦୀପର ଅଧ୍ୟକ୍ଷ ସତ୍ୟ ନାରାୟଣ ମିଶ୍ର, ସମ୍ପାଦିକା ଅଭିପ୍ସା ମିଶ୍ର ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ଶିଶୁ ଛାତ୍ରୀଛାତ୍ରଙ୍କ ମଧ୍ୟରେ ନାଚ, ଗୀତ, ଚିତ୍ରାଙ୍କନ, ହସ୍ତାକ୍ଷର, ବକ୍ତୃତା ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏହି ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଛାତ୍ରୀଛାତ୍ରମାନଙ୍କୁ ମାନପତ୍ର, ପୁରସ୍କାର ପ୍ରଦାନ କରାଯାଇଥିଲା।



ସଂସ୍କୃତି ଭବନ ସଭାକକ୍ଷରେ ଆୟୋଜିତ ଶବ୍ଦରାଗ କାର୍ଯ୍ୟକ୍ରମ।

## ମଧୁସୂଦନ ଦାଶଙ୍କୁ ଛାନ୍ଦସମ୍ରାଟ ଗାୟକ ହରିହର ମହାପାତ୍ର ସମ୍ମାନ

**ପୁରୀ ଅଫିସ,୨୫।୧୧**

ଛାନ୍ଦସମ୍ରାଟ ଗାୟକ ହରିହର ମହାପାତ୍ର ଫାଉଣ୍ଡେଶନ ପକ୍ଷରୁ ସଂସ୍କୃତି ଭବନ ସଭା କକ୍ଷରେ ରବିବାର ସାହିତ୍ୟ ଓ ସଂସ୍କୃତିର ବିଶେଷ କାର୍ଯ୍ୟକ୍ରମ ଶବ୍ଦରାଗ ଅନୁଷ୍ଠିତ ହୋଇଯାଇଛି। ଡ. କୈଳାସ ଚନ୍ଦ୍ର ଟିକାୟତରାୟଙ୍କ ସଭାପତିତ୍ୱରେ ଆୟୋଜିତ ପ୍ରଥମ ଅଧିବେଶନରେ ଅତିଥି ଭାବେ ଓଡ଼ିଶା ସାହିତ୍ୟ ଏକାଡେମୀ ସଭାପତି କବି ହରିହର ମିଶ୍ର, ସମ୍ପାଦକ ବନୋଜ ତ୍ରିପାଠୀ, କବି ଶଙ୍କର ପରିଡ଼ା ଓ ପ୍ରିୟପତ୍ରର ସମ୍ପାଦକ ବିପିନ ବିହାରୀ ଦଳାଇ ଯୋଗଦେଇଥିଲେ। ସାହିତ୍ୟ ଓ ସଂସ୍କୃତିର ବିକାଶ ସମ୍ପର୍କରେ ଅତିଥିମାନେ ଆଲୋଚନା କରିବା ସହ ପଣ୍ଡିତ ସଚ୍ଚିଦାନନ୍ଦ ମହାପାତ୍ରଙ୍କ ଦୁଇଟି ପୁସ୍ତକ ଗ୍ରନ୍ଥସାର ସଂଚୟିକା ଓ ଉମାକାନ୍ତ ବିଳାସ ଉନ୍ମୋଚନ କରିଥିଲେ। ଏହି ଅବସରରେ ପ୍ରଶାସକ ତଥା କବି ମଧୁସୂଦନ ଦାଶଙ୍କୁ ଛାନ୍ଦସମ୍ରାଟ ଗାୟକ ହରିହର ମହାପାତ୍ର ସମ୍ମାନ ପ୍ରଦାନ କରାଯାଇଥିଲା। ଏଥିସହ ବରାଳ ବାଲୁଙ୍କେଶ୍ୱର ପୀଠରେ ପୂର୍ବରୁ ଅନୁଷ୍ଠିତ ପାଲା ପ୍ରତିଯୋଗିତାର କୃତୀ କଳାକାର ଓ ସାହିତ୍ୟ ଏବଂ ସଂସ୍କୃତି କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ବହୁ ପ୍ରତିଭାଙ୍କୁ ସମ୍ମାନିତ କରାଯାଇଥିଲା। ଦ୍ୱିତୀୟ ଅଧିବେଶନରେ ଆୟୋଜିତ ରାଜ୍ୟସ୍ତରୀୟ କବିତା ଆସରକୁ ସଂଯୋଜନା କରିଥିଲେ କ୍ରିଷ୍ଣା ମହାପାତ୍ର, କଳ୍ପନା ମିଶ୍ର, ସର୍ବାଣୀ ଦାସ ଓ ପ୍ରବାସିନୀ ମିଶ୍ର। ଅନୁଷ୍ଠାନର ଆବାହକ କବି ଦେବୀପ୍ରସାଦ ମହାପାତ୍ର ସ୍ୱାଗତ ଭାଷଣ ଦେଇଥିବାବେଳେ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ ରମେଶ ଚନ୍ଦ୍ର ପଲେଇ ଓ ପୂର୍ଣ୍ଣଚନ୍ଦ୍ର ପଣ୍ଡା।



ହକି ବିଶ୍ୱକପ୍‌ର ପ୍ରଚାର ପାଇଁ ପୁରୀଠାରେ ଆୟୋଜିତ ମିନି ମାରାଥନ୍‌ରେ ଭାଗ ନେଇଥିବା ପ୍ରତିଯୋଗୀ।

# ରନ୍ ଫର୍ ହକି ମିନି ମାରାଥନ

**ପୁରୀ ଅଫିସ,୨୫।୧୧**

ଆସନ୍ତା ୨୭ ତାରିଖରୁ ଭୁବନେଶ୍ୱରର କଳିଙ୍ଗ ଷ୍ଟାଡିୟମଠାରେ ଆରମ୍ଭ ହେବ ହକି ବିଶ୍ୱକପ୍। ରାଜ୍ୟବ୍ୟାପୀ ଏହାର ପ୍ରଚାର ପ୍ରସାର ସହ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ମିନି ମାରାଥନ 'ରନ୍ ଫର୍ ହକି'ର ଆୟୋଜନ କରାଯାଉଛି। ରବିବାର ବିଜୁ ଯୁବ ବାହିନୀ ଓ ଜିଲା ପ୍ରଶାସନ ପକ୍ଷରୁ ପୁରୀଠାରେ ଏହି ମାରାଥନ ଅନୁଷ୍ଠିତ ହୋଇଯାଇଛି। ଇନ୍‌ଡୋର ଷ୍ଟାଡିୟମ୍‌ଠାରେ ରାଜସ୍ୱ ମନ୍ତ୍ରୀ ମହେଶ୍ୱର ମହାନ୍ତି ପତାକା ଦେଖାଇ ଏହାକୁ ଉଦ୍‌ଘାଟନ କରିଥିଲେ। ଦୁଇଟି ବର୍ଗରେ ଶତାଧିକ ଯୁବତୀ ଯୁବକ ଓ କ୍ରୀଡ଼ାପ୍ରେମୀ ଅଂଶଗ୍ରହଣ କରିଥିଲେ। ଯୁବତୀ ବର୍ଗରେ ସସ୍ମିତା ବିଶ୍ୱାଳ ପ୍ରଥମ, ରୋଜାଲିନ ସ୍ୱାଇଁ ଦ୍ୱିତୀୟ ଓ ସ୍ୱର୍ଣ୍ଣଲତା ଦାଶ ତୃତୀୟ ସ୍ଥାନ ହାସଲ କରିଥିଲେ। ରିଙ୍କି ହାତୀ, ଲକ୍ଷ୍ମୀପ୍ରିୟା ଭୋଇ, ପ୍ରମିଳା ଥାପା, ଝରଣା ସ୍ୱାଇଁ, ଲକ୍ଷ୍ମୀପ୍ରିୟା ସ୍ୱାଇଁ ପ୍ରମୁଖ ୫ଜଣଙ୍କୁ ଶାନ୍ତ୍ୱନାମୂଳକ ପୁରସ୍କାର ପ୍ରଦାନ କରାଯାଇଛି। ସେହିପରି ଯୁବକ ବର୍ଗରେ ବି. ନାୟକ ପ୍ରଥମ, ବିନିତ ପ୍ରଧାନ ଦ୍ୱିତୀୟ ଓ କୃତ୍ତିବାସ ଭୂୟାଁ ତୃତୀୟ ସ୍ଥାନରେ ରହିଛନ୍ତି। ବାଙ୍କନିଧି ଦଳାଇ, ବାଦଲ ପ୍ରଧାନ, ବିଶ୍ୱଜିତ ଜେନା, ସୁଦର୍ଶନ ପ୍ରଧାନ ପ୍ରମୁଖଙ୍କୁ ଶାନ୍ତ୍ୱନାମୂଳକ ପୁରସ୍କାର ଦିଆଯାଇଛି। କାର୍ଯ୍ୟକ୍ରମରେ ଜିଲାପାଳ ଜ୍ୟୋତି ପ୍ରକାଶ ଦାସ, ଏସ୍‌ପି ଡା.ସାର୍ଥକ ଷଡ଼ଙ୍ଗୀ, ପିଡି ଡିଆର୍‌ଡିଏ ଉଦ୍ଧବ ଚରଣ ମାଝି, ଏପିଡି(ଡିଆର୍‌ଡିଏ) ପ୍ରଶାନ୍ତ କୁମାର ଦାଶ, ପୌରସଂସ୍ଥା କାର୍ଯ୍ୟନିର୍ବାହୀ ଶ୍ରୀକାନ୍ତ ତରାଇ, ସିଡିଏମ୍‌ଓ ଭାସ୍କର ସାମନ୍ତରାୟ, ଉପଜିଲାପାଳ ଭବତାରଣ ସାହୁ, ଏନ୍‌ଫୋର୍ସମେଣ୍ଟ ଅଫିସର ଶ୍ୟାମ ସୁନ୍ଦର ପାତ୍ର, ତହସିଲଦାର ବରଣେନ୍ଦୁ ମହାନ୍ତି ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଜିଲା କ୍ରୀଡ଼ାଧିକାରୀ ନାରାୟଣ ବେହେରା, ଜିଲା କ୍ରୀଡା ସଂସଦ ସମ୍ପାଦକ ରବୀନ୍ଦ୍ର ପ୍ରତିହାରୀ, କ୍ରୀଡାବିତ୍ ରବି ନାରାୟଣ ସେନାପତି, ସରକାରୀ କୋଚ୍ ଶରତ ଚନ୍ଦ୍ର ନନ୍ଦ, ପ୍ରଦୀପ ସାହୁ, ସବିତା ନନ୍ଦ, ଶିବ ପ୍ରସାଦ ଅଧିକାରୀ, କ୍ରୀଡା ସଂଗଠକ ସବ୍ୟସାଚୀ ରଥ, ସୁଦର୍ଶନ ସାହୁ, କ୍ରୀଡା ଶିକ୍ଷକ ଗୋପାଳ ଚନ୍ଦ୍ର ପରିଡା ପ୍ରମୁଖ ସହଯୋଗ କରିଥିଲେ। ସେହିପରି ଜିଲାର ବିଭିନ୍ନ ବ୍ଲକରେ ମଧ୍ୟ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି।